୬ ଭାରତୀୟ ଫୁଟବଲ ଦଳରେ ମୁଖ୍ୟ କୋଚ୍ ହେଲେ ଖାଲିଦ ଜାମିଲ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୧୮୫ ● ୨ ଅଗଷ୍ଟ ୨୦୨୫, ଶନିବାର ● ଭୁବନେଶ୍ୱର ● Vol -32 ● Issue-185 ● 2nd August 2025, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ୫ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ

# ମୁଖ୍ୟମନ୍ତ୍ରୀ ଆଡିବନ୍ଧ ଯୋଜନା ଅତିରିକ୍ତ ୫ ବର୍ଷ ପାଇଁ ଚାଲିବ

ଭୁବନେଶ୍ୱର, ୧।୮
ନ୍ୟୁଜ୍ ବ୍ୟୁରୋ

ଶୁକ୍ରବାର ଅପରାହ୍ଣରେ ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ମୋଟ ୫ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି।

ବୈଠକ ଶେଷରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣ ମାଧ୍ୟମକୁ ସୂଚନା ଦେଇଥିଲେ ।



ରାଜ୍ୟ କ୍ୟାବିନେଟ୍‌ରେ 'ମୁଖ୍ୟମନ୍ତ୍ରୀ ଆଡିବନ୍ଧ ତିଆରି ଯୋଜନା-୩.୦ ଟିକୁ ଅତିରିକ୍ତ ୫ ବର୍ଷ ଯଥା ଆର୍ଥିକ ବର୍ଷ ୨୦୨୫-୨୬ ରୁ ୨୦୨୯- ୩୦ ପର୍ଯ୍ୟନ୍ତ ୨୭୩୮ କୋଟି ଟଙ୍କା ଆନୁମାନିକ ମୂଲ୍ୟରେ ସମ୍ପ୍ରସାରଣ କରିବାକୁ ଅନୁମୋଦନ କରାଯାଇଛି। ଏହି ଯୋଜନା ଦ୍ୱାରା ୫୭୫୨୫ ହେକ୍ଟର ଅତିରିକ୍ତ ଜଳସେଚନ କ୍ଷମତା ସୃଷ୍ଟି କରିବା ସହିତ ୪୧୭୧୩ ହେକ୍ଟର ଚାଷ ଜମିକୁ ପୁନଃ ଜଳସେଚନ ବ୍ୟବସ୍ଥା ଯୋଗାଇଦିଆଯିବ ।ଏତଦ୍ ବ୍ୟତୀତ, ଏହି ଯୋଜନା ଦ୍ୱାରା ମୌସୁମୀ ପରବର୍ତ୍ତୀ ସମୟରେ ଗ୍ରାମଗୁଡ଼ିକୁ ପାନୀୟ ଜଳ ସୁବିଧା ଯୋଗାଇବା, ଭୂତଳ ଜଳ ପୁନଃଭରଣ ତଥା ଖରିଫ ଜଳସେଚନକୁ ବୃଦ୍ଧି କରାଯାଇ ପାରିବ ।

ଓଡ଼ିଶା ଦ୍ରବ୍ୟ ଓ ସେବା କର ଅଧିନିୟମ, ୨୦୧୭ ରେ ସଂଶୋଧନ କରାଯାଇ। ଏହା ଦ୍ୱାରା ବ୍ୟବସ୍ଥାକୁ ସରଳ କରିବା ସହ କରଦାତା ଓ କର ପ୍ରଶାସକଙ୍କୁ କେତେକ ସୁବିଧା ପ୍ରଦାନ କରିବାକୁ ପ୍ରସ୍ତାବ ଦିଆଯାଇଛି।

ଏଗୁଡିକ ହେଲା ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍ ପାଇବା କ୍ଷେତ୍ରରେ 'ପ୍ଲାଣ୍ଟ ଏବଂ ମେସିନେରୀ ଏବଂ 'ପ୍ଲାଣ୍ଟ କିମ୍ବା ମେସିନେରୀ'ର ବ୍ୟାଖ୍ୟା ମଧ୍ୟରେ ଥିବା ଅସ୍ପଷ୍ଟତାକୁ ଦୂର କରିବା, ଟିକସଦାତାଙ୍କୁ ରିଟର୍ଣ୍ଣ ଫାଇଲ କରିବାରେ ଅଧିକ ସୁବିଧା ପ୍ରଦାନ କରିବା, ବିକ୍ରୟ ପରେ ଫେରସ୍ତ କିମ୍ବା ଅନ୍ୟ କୌଣସି କାରଣରୁ ଦ୍ରବ୍ୟ ବା ସେବା ଯୋଗାଣର ମୂଲ୍ୟ ହ୍ରାସ ପାଇଲେ, ଯୋଗାଣକାରୀମାନେ କ୍ରେଡିଟ୍ ନୋଟ୍ ଜାରି କରନ୍ତି। ଟିକସ ଫାଙ୍କିକୁ ରୋକିବା ପାଇଁ ଦ୍ରବ୍ୟ ବା ସେବା ଗ୍ରହଣକାରୀ ମଧ୍ୟ ଆନୁପାତିକ ଭାବେ ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍ କୁ କମାଇବେ । ପାନ ମସଲା, ଇଟାଭାଟି, ବାଲି ଖନନ ଆଦି କ୍ଷେତ୍ରରେ ରାଜସ୍ୱ ହାନିର ଆଶଙ୍କାକୁ ଏଡାଇବା ପାଇଁ ଟ୍ରାକ୍ ଆଣ୍ଡ ଟ୍ରେସ୍ ବ୍ୟବସ୍ଥାର ପ୍ରଚଳନ। ଟ୍ରାକ୍ ଓ ଟ୍ରେସ୍ ବ୍ୟବସ୍ଥା ର ଉଲଂଘନ କଲେ ୧ ଲକ୍ଷ ଟଙ୍କା ବା ଦେୟ କରର ୧୦% ଶାସ୍ତି ଧନ ଯାହା ଅଧିକ ତାହା ପ୍ରଦାନ (ପୃଷ୍ଠା ୭ରେ)

# ଉପରାଷ୍ଟ୍ରପତି ପଦ ପାଇଁ ସେପ୍ଟେମ୍ବର ୯ରେ ନିର୍ବାଚନ

ନୂଆଦିଲ୍ଲୀ, ୧।୮




ନିର୍ବାଚନ ଆୟୋଗ ଶୁକ୍ରବାର ଦିନ ଉପରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ କାର୍ଯ୍ୟସୂଚୀର ଘୋଷଣା କରିଛନ୍ତି। ଏକାଧିକ ପ୍ରାର୍ଥୀ ଥିଲେ ୯ ସେପ୍ଟେମ୍ବରରେ ଭୋଟ ହେବ। ନିର୍ବାଚନ ଅଧିସୂଚନା ୭ ଅଗଷ୍ଟରେ ଜାରି ହେବ। ନିର୍ବାଚନ ଆୟୋଗଙ୍କ ସୂଚନା ଅନୁଯାୟୀ, ଅଧିସୂଚନା ଅଗଷ୍ଟ ୭ରେ ଜାରି ହେବ ଏବଂ ନାମାଙ୍କନ ଦାଖଲର ଶେଷ ତାରିଖ ୨୧ ଅଗଷ୍ଟ ରଖାଯାଇଛି। ନାମାଙ୍କନ ଯାଞ୍ଚ ୨୨ ଅଗଷ୍ଟରେ କରାଯିବ ଏବଂ ୨୫ ଅଗଷ୍ଟ ସୁଦ୍ଧା ନାମାଙ୍କନ ପ୍ରତ୍ୟାହାର କରିପାରିବେ । ଏକାଧିକ ପ୍ରାର୍ଥୀ ଥିଲେ ୯ ସେପ୍ଟେମ୍ବରରେ ସଂସଦ ଭବନରେ ଭୋଟ ହେବ ଏବଂ ସେହି ଦିନ ମତଗଣନା ମଧ୍ୟ ହେବ।

ଉପରାଷ୍ଟ୍ରପତି ପଦ ପାଇଁ ଏକ ନିର୍ବାଚନ ମଣ୍ଡଳୀ ଗଠନ କରାଯାଏ। ଏହି ମଣ୍ଡଳୀରେ ରାଜ୍ୟସଭାର ନିର୍ବାଚିତ ଓ ମନୋନୀତ ସଦସ୍ୟମାନେ ଏବଂ ଲୋକସଭାର ନିର୍ବାଚିତ ସଦସ୍ୟମାନେ ଥାନ୍ତି। ଏହି ସଦସ୍ୟମାନେ ମତଦାନ କରନ୍ତି। ଏହି ମତଦାନ ପାଇଁ କୌଣସି ରାଜନୈତିକ ଦଳ ସେମାନଙ୍କ ସଦସ୍ୟଙ୍କୁ ହ୍ୱିପ୍ ଜାରି କରିପାରିବେ ନାହିଁ।

ଆୟୋଗଙ୍କ ସୂଚନା ଅନୁଯାୟୀ, ରାଜ୍ୟସଭାରେ ୨୩୩ ଟି ଆସନରୁ ୫ଟି ଆସନ ଖାଲି ଅଛି ଓ ୧୨ ଜଣ ମନୋନୀତ ସଦସ୍ୟ ଅଛନ୍ତି। ଲୋକସଭାରେ ୫୪୩ ଜଣ ସଦସ୍ୟ ଅଛନ୍ତି ଓ ଏକ ଆସନ ଖାଲି ଅଛି। ଅର୍ଥାତ୍ ରାଜ୍ୟସଭା ଓ ଲୋକସଭା ମିଶି ୭୮୮ଟି ଆସନ ମଧ୍ୟରୁ ୬ଟି ଆସନ ଖାଲି ଅଛି। ତେଣୁ ମୋଟ ୭୮୨ ଜଣ ସଦସ୍ୟ ଉପରାଷ୍ଟ୍ରପତି ପଦବୀ ପାଇଁ ମତଦାନ କରିବେ।

# ଆମେରିକାର ଶୁଳ୍କ ଭାରତ ସମେତ ୬୦ଟି ଦେଶ ଉପରେ ୭ରୁ ଲାଗୁ ହେବ

ୱାଶିଂଟନ, ୧।୮

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ସମେତ ୬୦ ରୁ ଅଧିକ ଆମେରିକୀୟ ବାଣିଜ୍ୟିକ ଅଂଶୀଦାର ଦେଶର ରପ୍ତାନି ଉପରେ ନୂତନ ଶୁଳ୍କ ଘୋଷଣା କରିଛନ୍ତି। ଏହି ଶୁଳ୍କ ହାର ୭ ଅଗଷ୍ଟରୁ କାର୍ଯ୍ୟକାରୀ ହେବ। ଏଥିରେ ଭାରତ ଉପରେ ୨୫ ପ୍ରତିଶତ ଏବଂ ପାକିସ୍ତାନ ଉପରେ ୧୯ ପ୍ରତିଶତ ଶୁଳ୍କ ଲାଗୁ କରାଯାଇଛି। ବିଶ୍ୱ ବାଣିଜ୍ୟକୁ ଟ୍ରାକକୁ ଫେରାଇ ଆଣିବା ପାଇଁ ତାଙ୍କର ବୈପ୍ଳବିକ ଯୋଜନାକୁ ଆଗକୁ ବଢାଇ ଟ୍ରମ୍ପ ମଧ୍ୟରାତ୍ରି ପୂର୍ବରୁ ଏହି ପ୍ରଭାବରେ ଏକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ସ୍ୱାକ୍ଷର କରିଛନ୍ତି।ଟ୍ରମ୍ପ ବିଶ୍ୱ ବାଣିଜ୍ୟକୁ ଟ୍ରାକକୁ ଫେରାଇ ଆଣିବା ପାଇଁ ତାଙ୍କର ବୈପ୍ଳବିକ ଯୋଜନାକୁ ଆଗକୁ ବଢାଇ ଟ୍ରମ୍ପ ମଧ୍ୟରାତ୍ରି ପୂର୍ବରୁ ଏହି ପ୍ରଭାବରେ ଏକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ସ୍ୱାକ୍ଷର କରିଛନ୍ତି। ସମ୍ବାଦ ସରବରାହ ସଂସ୍ଥାର ଖବର ଅନୁଯାୟୀ, ୬୦ରୁ ଅଧିକ ଦେଶ ଉପରେ ଶୁଳ୍କ ୭ ଅଗଷ୍ଟ ରାତି ୧୨:୦୧ ରୁ କାର୍ଯ୍ୟକାରୀ ହେବ। ଏହାର ଏକମାତ୍ର ବ୍ୟତିକ୍ରମ ହେଉଛି କାନାଡା, ଯାହାର ରପ୍ତାନି ଶୁଳ୍କ ୦୧ ଅଗଷ୍ଟ ରାତି ୧୨:୦୧ରୁ ଲାଗୁ ହେବ। କାନାଡା ଉପରେ ଲାଗୁ ହୋଇଥିବା ଶୁଳ୍କରୁ ସେହି ସମସ୍ତ ସାମଗ୍ରୀକୁ ମୁକ୍ତ କରାଯାଇଛି, ଯାହା ବାଣିଜ୍ୟିକ ଆମେରିକା-ମେକ୍ସିକୋ-କାନାଡା ଚୁକ୍ତିନାମା ଅନୁଯାୟୀ କରାଯାଏ।

## ଆଜି ପିଏମ୍-କିଷାନ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧।୮
ନ୍ୟୁଜ୍ ବ୍ୟୁରୋ

ଚାଷୀଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ଭାରତ ସରକାରଙ୍କ ପ୍ରମୁଖ ଯୋଜନା ପିଏମ-କିଷାନର ୨୦ତମ କିସ୍ତି ଆବଣ୍ଟନ ଉପଲକ୍ଷେ ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର)- କେନ୍ଦ୍ରୀୟ ମଧୁର ଜଳ ମତ୍ସ୍ୟପାଳନ ସଂସ୍ଥା (ସିଫା) ଭୁବନେଶ୍ୱର ପକ୍ଷରୁ ଶନିବାର ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାରାଣସୀରୁ ୨୦ତମ କିସ୍ତି ପ୍ରଦାନ କରିବେ, ଯାହାର ସାରା ଦେଶରେ ସିଧାପ୍ରସାରଣ ହେବ। ଏହି ଜାତୀୟ କାର୍ଯ୍ୟକ୍ରମର ଏକ ଅଂଶ ଭାବରେ, ଆଇସିଏଆର-ସିଫାକୁ ଓଡ଼ିଶା ପାଇଁ ରାଜ୍ୟସ୍ତରୀୟ ସମାରୋହର ସ୍ଥାନ ଭାବରେ ମନୋନୀତ କରାଯାଇଛି, ଯେଉଁଠାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦେବେ। ଓଡ଼ିଶାର ଉପମୁଖ୍ୟମନ୍ତ୍ରୀଙ୍କ ସହିତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ଅବସରରେ ଉପସ୍ଥିତ ରହିବେ।

ସିଫା କ୍ୟାମ୍ପସରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୫୦୦ରୁ ଅଧିକ ଚାଷୀ, ବରିଷ୍ଠ ଅଧିକାରୀ, କୃଷି ବୈଜ୍ଞାନିକ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# 'ପୁଷ୍କରା'କୁ ମିଳିଲା ଜାତୀୟ ଚଳଚ୍ଚିତ୍ର ପୁରସ୍କାର

ଭୁବନେଶ୍ୱର, ୧।୮
ନ୍ୟୁଜ୍ ବ୍ୟୁରୋ

ଜାତୀୟ ଚଳଚ୍ଚିତ୍ର ପୁରସ୍କାର-୨୦୨୩ ଘୋଷଣା ହୋଇଛି। ଶୁଭ୍ରାଂଶୁ ଦାଶଙ୍କ ନିର୍ଦ୍ଦେଶିତ 'ପୁଷ୍କରା'କୁ ଶ୍ରେଷ୍ଠ ଓଡ଼ିଆ ଫିଲ୍ମ ଭାବେ ଜାତୀୟ ପୁରସ୍କାର ମିଳିବ। ତରଙ୍ଗ ସିନେ ପ୍ରଡକସନ୍ସର 'ପୁଷ୍କରା' ଶ୍ରେଷ୍ଠ ଓଡ଼ିଆ ଫିଲ୍ମ ବିବେଚିତ ହୋଇଛି । ଏହି ଚଳଚ୍ଚିତ୍ରର ମୁଖ୍ୟ ଚରିତ୍ରରେ ସବ୍ୟସାଚୀ ମିଶ୍ର ଅଭିନୟ କରିଛନ୍ତି।



ସମସ୍ତ ପ୍ରତୀକ୍ଷାର ଅବସାନ ଘଟାଇ ୨୦୨୩ ଗଣେଶ ପୂଜାଦିନ ବହୁପ୍ରତୀକ୍ଷିତ ଓଡ଼ିଆ ଛବି ପୁଷ୍କରା ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିଲା। ଯେଉଁଥିରେ ଅଭିନେତା ସବ୍ୟସାଚୀ ମିଶ୍ରଙ୍କ ନିଛକ ଅଭିନୟ ଦର୍ଶକଙ୍କୁ ଆକର୍ଷିତ କରିଥିଲା। କେତେବେଳ ସେ ଗଞ୍ଜେଇ ଟାଣୁଛନ୍ତି, ତ ପୁଣି କେତେବେଳେ ସମୁଦ୍ରକୂଳରେ ଶୋଇଛନ୍ତି, ଆଉ ସାଗରର ଢେଉ ତାଙ୍କ ଉପରକୁ ମାଡ଼ି ଆସିଛି । ଏଥିରେ ଓଲିଉଡର ଗ୍ଲାମରସ (ପୃଷ୍ଠା ୭ରେ)

# ଆରବିଆଇ ଏକ୍ସପର୍ଟ କରିବେ ରତ୍ନଭଣ୍ଡାର ଗଣତିମଣତି

ଭୁବନେଶ୍ୱର, ୧।୮ : ନ୍ୟୁଜ୍ ବ୍ୟୁରୋ

ରତ୍ନ ଭଣ୍ଡାରର ଗଣତିମଣତି କରିବେ ଆରବିଆଇ ଏକ୍ସପର୍ଟ । ମହାପ୍ରଭୁଙ୍କ ରତ୍ନ ଗଣତି ମଣତି ନେଇ ଆରବିଆଇ ଦୁଇ ଜଣ ଏକ୍ସପର୍ଟଙ୍କୁ ମନୋନୀତ କରି ଆମକୁ ଜଣାଇଛନ୍ତି । ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ଆମେ ଖୁବ କମ ଦିନ ମଧ୍ୟରେ ପରିଚାଳନା କମିଟି ଗଠନ କରିଦେବୁ । ପରିଚାଳନା କମିଟିର ଅନୁମତି କ୍ରମେ ଉଚ୍ଚ ସ୍ତରୀୟ କମିଟି ରତ୍ନ ଗୁଡିକୁ ଭିତର ରତ୍ନ ଭଣ୍ଡାରକୁ ସ୍ଥାନାନ୍ତରିତ କରିବେ । ତାହା ପରେ ତାରିଖ ନିର୍ଦ୍ଧାରଣ କରି ଆରବିଆଇର ଦୁଇ ଜଣ ସଦସ୍ୟଙ୍କ





ଉପସ୍ଥିତିରେ ଗଣତି ମଣତି ହେବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

# ଉପସେନା ମୁଖ୍ୟ ଭାବେ ଦାୟିତ୍ୱ ସମ୍ଭାଳିଲେ ଲେଫ୍‌ଟନାଣ୍ଟ ଜେନେରାଲ ପୁଷ୍ପେନ୍ଦ୍ର ସିଂହ

ନୂଆଦିଲ୍ଲୀ, ୧।୮

ଲେଫ୍ଟନାଣ୍ଟ ଜେନେରାଲ ପୁଷ୍ପେନ୍ଦ୍ର ସିଂହ ଶୁକ୍ରବାର ଦିନ ଉପସେନାର ମୁଖ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ନିଯୁକ୍ତି ତାଙ୍କୁ ବର୍ତ୍ତମାନ ଉପସେନା ପ୍ରମୁଖ ଲେଫ୍ଟନାଣ୍ଟ ଜେନେରାଲ ଏନ.ଏସ. ରାଜା ସୁବ୍ରମଣିଙ୍କ ୩୯ ବର୍ଷର ସେବା ପରେ ସେବାନିବୃତ୍ତ ପରେ ମିଳିଛି। ନୂତନ ଭିସିଓଏଏସ ଜାତୀୟ ଯୁଦ୍ଧ ସ୍ମାରକରେ ପୁଷ୍ପାଞ୍ଜଳି ଅର୍ପଣ କରି ଦେଶ ସେବାରେ ସର୍ବୋଚ୍ଚ ବଳିଦାନ ଦେଇଥିବା ବୀରଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହା ପରେ ସାଉଥ୍ ବ୍ଲକ୍ ଲନ୍‌ରେ ତାଙ୍କୁ ଗାର୍ଡ ଅଫ୍ ଅନର୍



ଦିଆଯାଇଥିଲା।

ତାଙ୍କର ଲେବାନନ୍ ଓ ଶ୍ରୀଲଙ୍କାରେ ଜାତିସଂଘ ଶାନ୍ତି ମିଶନରେ ବିଦେଶୀ ଯୁଦ୍ଧର ଅନୁଭବ ରହିଛି । (ପୃଷ୍ଠା ୭ରେ)

# ମୁଖ୍ୟମନ୍ତ୍ରୀଙ୍କ ଘୋଷଣା : ଚଳିତ ବର୍ଷ ୪୦ ହଜାର ନିଯୁକ୍ତି

ସୁନ୍ଦରଗଡ, ୧।୮ : ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାରେ ଯୁବବର୍ଗଙ୍କ ପାଇଁ ସରକାରୀ ଚାକିରିର ଏକ ବଡ଼ ସୁଯୋଗ ଆଣିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଚଳିତ ବର୍ଷ ରାଜ୍ୟ ସରକାର ଆଉ ୪୦ ହଜାର ସରକାରୀ ଚାକିରି ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଘୋଷଣା କରିଛନ୍ତି । ଏକ୍ସ ପୋଷ୍ଟ ମାଧ୍ୟମରେ ଏହି ସୂଚନା ଦେଇ ସେ କହିଛନ୍ତି ଯେ, ତାଙ୍କ ସରକାର ପ୍ରଥମ ବର୍ଷରେ ୨୮ ହଜାର ଚାକିରି ପ୍ରଦାନ କରିସାରିଛନ୍ତି ଏବଂ ଦ୍ୱିତୀୟ ବର୍ଷରେ ୪୦ ହଜାର ନୂଆ ନିଯୁକ୍ତି ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ



ରାଜ୍ୟସ୍ତରୀୟ ସୁଶାସନ ଦିବସ ଅବସରରେ ଘୋଷଣା କରିଥିଲେ ଯେ, ଆଗାମୀ ଦୁଇ ବର୍ଷ ମଧ୍ୟରେ ୭୫ ହଜାର ସରକାରୀ ପଦବୀ ପୂରଣ କରାଯିବ। ସେ ଦାବି କରିଛନ୍ତି ଯେ, ପୂର୍ବତନ ସରକାରଙ୍କ ସମୟରେ ପ୍ରାୟ ଦେଢ଼ ଲକ୍ଷ ପଦବୀ ଖାଲି ରହିଥିଲା, ଯାହାକୁ ବର୍ତ୍ତମାନ ସରକାର ପୂରଣ କରିବା ପାଇଁ ଦ୍ରୁତ ପଦକ୍ଷେପ ଗ୍ରହଣ କରୁଛନ୍ତି । ଖୁବଶୀଘ୍ର ୨୦ ହଜାର ଶିକ୍ଷକ ପଦବୀ ପୂରଣ କରାଯିବ ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି । ଏହି ଘୋଷଣା ରାଜ୍ୟର ଯୁବବର୍ଗଙ୍କ ମଧ୍ୟରେ ଆଶାର ସଞ୍ଚାର ସୃଷ୍ଟି କରିଛି । ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଶାସନ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଏହି ନିଯୁକ୍ତି ପ୍ରକ୍ରିୟା ରାଜ୍ୟରେ ବେକାରୀ ସମସ୍ୟା ହ୍ରାସ କରିବା ସହ ସୁଶାସନକୁ ଆହୁରି ଦୃଢ଼ କରିବ ବୋଲି ଆଶା କରାଯାଉଛି।

## ଡାଏଲ୍-୧୧୨ ସେବା ଆଉ ୫ ବର୍ଷ ବଢିଲା

ଭୁବନେଶ୍ୱର, ୧।୮
ନ୍ୟୁଜ୍ ବ୍ୟୁରୋ

ଡାଏଲ୍-୧୧୨ ସେବାକୁ ଆଉ ୫ ବର୍ଷ ସଂପ୍ରସାରଣ କରିଛନ୍ତି ରାଜ୍ୟ ସରକାର। ପୋଲିସ୍, ଆମ୍ବୁଲାନ୍ସ ଓ ଅଗ୍ନିଶମ ଆଦି ସେବା ପାଇଁ ଡାଏଲ-୧୧୨ ଉଦ୍ଦିଷ୍ଟ। ଯେକୌଣସି ସହାୟତା ପାଇଁ ୧୧୨କୁ କଲ୍ କଲେ ସହାୟତା ମିଳିପାରିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ୍ସ ମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ଏହି ଯୋଜନାର ସମ୍ପ୍ରସାରଣ ପାଇଁ ୫ ବର୍ଷ ଲାଗି ୨୨୬୦.୮୯ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି।ଏହି କ୍ଷେତ୍ରରେ ୪୧୯୫ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ୬୪୫ ଜରୁରୀକାଳୀନ ଯାନ ବିତରଣ କରାଯିବ।

## ଏକାଳ ପଖାଳ



ନିଜ ଘର କଳି ଘରେ ନରଖି
ଚାରିଆଡେ କରି ପ୍ରଚାର
ବଡ ଲୋକ ଗୁଡା ନିଜ ଜୀବନର
ଏମିତି ପକାନ୍ତି ଆଚାର
ଏଇ ମନ୍ଦବୁଦ୍ଧି ବିଚାର
ଆପଣାଇବ ନାହିଁ ହେ ଜନେ
ନହେଲେ ହେବ ପଂଚର।

# ୫୮୫୨ ଭାରତୀୟଙ୍କୁ ନିର୍ବାସିତ କଲେ ବ୍ରିଟେନ ଓ ଆମେରିକା



ନୂଆଦିଲ୍ଲୀ, ୧।୮

ଗତ ପାଞ୍ଚ ବର୍ଷରେ ବେଆଇନ ପ୍ରବାସନ ସମ୍ପର୍କିତ ମାମଲାରେ ଅମେରିକା ଓ ବ୍ରିଟେନ୍ ଦ୍ୱାରା ୫୮୫୨ ଜଣ ଭାରତୀୟଙ୍କୁ ନିର୍ବାସିତ କରାଯାଇଛି,। ଯେଉଁଥିରେ ୨୦୨୫ ମଧ୍ୟରେ ଦୁଇଟି ଦେଶରୁ ୧୮୩୪ ଜଣ ନିର୍ବାସିତ ହୋଇଛନ୍ତି। ବୈଦେଶିକ ରାଜ୍ୟମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ ଲୋକସଭାରେ ପ୍ରଶ୍ନକାଳ ସମୟରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି । ଡିଏମକେ ସଦସ୍ୟ କାନିମୋଝି ଓ ତୃଣମୂଳ କଂଗ୍ରେସ ସଦସ୍ୟ ମାଲ ରାୟଙ୍କ ପ୍ରଶ୍ନର ଉତ୍ତରରେ ବୈଦେଶିକ ରାଜ୍ୟମନ୍ତ୍ରୀ କହିଛନ୍ତି ଯେ, ୨୦୨୦ ରୁ ୨୦୨୪ ମଧ୍ୟରେ ବ୍ରିଟେନ୍ ୩୧୧ ଓ ଅମେରିକା ୫୫୪୧ ଜଣ ଭାରତୀୟଙ୍କୁ ନିର୍ବାସିତ କରିଛି। ଏହା ସହିତ ବର୍ଷ ୨୦୨୫ ମଧ୍ୟରେ ବ୍ରିଟେନ୍ ୧୩୧ ଓ ଆମେରିକା ୧୭୦୩ ଭାରତୀୟଙ୍କୁ ନିର୍ବାସିତ କରିଛି। ସେ ଏହା ମଧ୍ୟ କହିଛନ୍ତି ଯେ ୨୦୨୫ ରେ ଆମେରିକାରୁ ନିର୍ବାସିତ ହୋଇଥିବା ୧୭୦୩ ଜଣ ମଧ୍ୟରୁ ୧୫୬୨ ଜଣ ପୁରୁଷ ଓ ୧୪୧ ଜଣ ମହିଳା ଅଛନ୍ତି।

# ବର୍ଷା ପରିମାଣ ହ୍ରାସ ପାଇବ

ଭୁବନେଶ୍ୱର, ୧।୮
ନ୍ୟୁଜ୍ ବ୍ୟୁରୋ

ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷାର ପ୍ରଭାବ ହ୍ରାସ ପାଇବ। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଏଭଳି ପୂର୍ବାନୁମାନ କରିଛି । ବର୍ଷା କମିବା ସହିତ ତାପମାତ୍ରା ସାମାନ୍ୟ ବଢିପାରେ। ତାପମାତ୍ରାରେ ପ୍ରାୟ ୨ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ବଢ଼ିପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାପାତ୍ର କହିଛନ୍ତି, ଗତ ୨୪ ଘଣ୍ଟାରେ ରାଜ୍ୟରେ ହାଲୁକାରୁ ମଧ୍ୟମଧରଣର ବର୍ଷା ରେକର୍ଡ ହୋଇଛି। ସୁନ୍ଦରଗଡ଼ ଜିଲ୍ଲାର ହେମଗିରି ଠାରେ ସର୍ବାଧିକ ବର୍ଷା ୩୪ ମିଲିମିଟର ରେକର୍ଡ



ହୋଇଛି। ସମ୍ପୂର୍ଣ୍ଣ ରାଜ୍ୟରେ ୬୧୬.୧ ମିଲିମିଟର ବର୍ଷା ରେକର୍ଡ ହୋଇଛି, ଯାହାକି ସ୍ୱାଭାବିକ ବୃଷ୍ଟି ଠାରୁ ପ୍ରାୟ ୧୦ ପ୍ରତିଶତ ଅଧିକ ରହିଛି । ଯଦିଓ (ପୃଷ୍ଠା ୭ରେ)

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨ ଅଗଷ୍ଟ ୨୦୨୫ ଶନିବାର





## ସୁବର୍ଣ୍ଣପୁର ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

# ନିୟମ ଉଲ୍ଲଂଘନ କରି ୨୯୨ ଗାଡ଼ି ଚାଳକଙ୍କ ଲାଇସେନ୍ସ ରଦ୍ଦ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଜିଲ୍ଲାପାଳ, ସୁବର୍ଣ୍ଣପୁରଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର, ଅଞ୍ଜଳିନା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି କମିଟି ବୈଠକରେ ଆଞ୍ଚଳିକ ପରିବହନ ଅଧିକାରୀ, ସୁବର୍ଣ୍ଣପୁର, ସୁବର୍ଣ୍ଣପୁର ଜିଲ୍ଲା ସଡ଼କ ସୁରକ୍ଷା କମିଟିର ସମସ୍ତ ସଦସ୍ୟା, ଜିଲ୍ଲାସ୍ତରୀୟ ଅଧିକାରୀ ବୃନ୍ଦ, ଟ୍ରକ୍ ମାଲିକ ସଂଘ ଓ ପ୍ରାଇଭେଟ୍ ବସ୍ ମାଲିକ ସଂଘର ସଭାପତି ଦ୍ୱୟ, ରାସ୍ତା ସୁରକ୍ଷା ସ୍ୱେଚ୍ଛାସେବୀ ବୃନ୍ଦ ଓ ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ । ଆଞ୍ଚଳିକ ପରିବହନ ଅଧିକାରୀ, ସୁବର୍ଣ୍ଣପୁର ଗତ ତିନି ବର୍ଷରେ ସୁବର୍ଣ୍ଣପୁର ଜିଲ୍ଲାରେ ଘଟିଥିବା ସଡ଼କ ଦୁର୍ଘଟଣା ଉପରେ ତୁଳନାତ୍ମକ ବିବରଣୀ ଉପସ୍ଥାପନ ପୂର୍ବକ ଜିଲ୍ଲାରେ ଥିବା ଦୁର୍ଘଟଣା ପ୍ରବଣ ସ୍ଥାନ ବା ବ୍ଲାକ୍ ସ୍ପଟ୍ ବିଷୟରେ ଜଣାଇବା ସହିତ ଜିଲ୍ଲା ପ୍ରଶାସନ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ଯୋଜନା ଉପରେ ଅବଗତ କରିଥିଲେ ଓ ସଡ଼କ ସୁରକ୍ଷା ଉପରେ ସବିଶେଷ ଆଲୋଚନା କରାଯାଇଥିଲା । ଏହି ଅବସରରେ ସେ ପ୍ରକାଶ କଲେ ଯେ, ମୋଟର ଯାନ



ନିୟମ ଉଲ୍ଲଂଘନକାରୀ ଗାଡ଼ି ଚାଳକ ମାନଙ୍କ ଠାରୁ ଜୁନ୍ ମାସରେ ସର୍ବମୋଟ୍ ୧୩୫ ଗୋଟି ଚାଲାଣ କଟାଯାଇଥିଲା । ତନ୍ମଧ୍ୟରୁ ୪୩ ଗୋଟି ଚାଲାଣର ଫାଏସଲା ହୋଇ ସର୍ବମୋଟ ଟ. ୧୧,୨୬,୦୦୦.୦୦ ଙ୍କା ଫାଇନ୍ ବାବଦକୁ ଆଦାୟ ହୋଇଛି । ଅବଶିଷ୍ଟ ୯୨ ଗୋଟି ଚାଲାଣ ଫାଏସଲା ହୋଇନାହିଁ ଏବଂ ଏହି ଚାଲାଣ ବାବଦକୁ ଟ.୫,୮୭,୮୬୦.୦୦ ଫାଇନ୍ ଆଦାୟ କରିବାକୁ ବାକି ଅଛି । ସେ ଆହୁରି ପ୍ରକାଶ କଲେ ଯେ, ଗତ ଜାନୁୟାରୀ ୨୦୨୫ ରୁ ଜୁନ୍ ୨୦୨୫ ମଧ୍ୟରେ ମୋଟର ଯାନ ଆଇନ୍ ଉଲ୍ଲଂଘନ ପାଇଁ ୨୯୨ ଜଣ ଉଭୟ ମୋଟର ସାଇକେଲ ଓ ଗାଡ଼ି ଚାଳକଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି । ଏହି ପରିପ୍ରେକ୍ଷୀରେ ୧୦ ଜଣ ସଡ଼କ ସୁରକ୍ଷା ସ୍ୱେଚ୍ଛାସେବୀଙ୍କୁ ସଡ଼କ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ଓ ଦୁର୍ଘଟଣାଗ୍ରସ୍ତ ଲୋକଙ୍କ ଜୀବନ ରକ୍ଷା କରିଥିବାରୁ ସୁବର୍ଣ୍ଣପୁର ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକରେ ଆର୍ଥିକ ପୁରସ୍କାର ସହିତ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା ।

# ବେଆଇନ୍ ଖଣି ଖନନ ବଢୁଛି:ପରିବେଶ, ଜୀବଜନ୍ତୁ, କୀର୍ତ୍ତିରାଜି ଅସୁରକ୍ଷିତ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ତୁଙ୍ଗାପଡ଼ା ପଞ୍ଚାୟତରେ ବେଆଇନ୍ ଖଣି ବନ୍ଦ କରିବାକୁ ଦାବି ଜୋର୍ ହୋଇଛି । ଏଠାକାର ପୂର୍ବତନ ସରପଞ୍ଚ ଆରତୀ ଦେବୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅଭିଯୋଗ କରିଛନ୍ତି । ସରକାରୀ ଅଧିକାରୀଙ୍କ ଅନୈତିକ ସହଯୋଗରେ ଏହି ବେଆଇନ୍ ଖଣି ଚାଲୁଥିବା ସେ ଅଭିଯୋଗ କରିଛନ୍ତି । ବେଆଇନ୍ ଖଣି ଦ୍ୱାରା ନିଜ ଅଞ୍ଚଳର ବିରଳ ଜୀବଜନ୍ତୁ, ପ୍ରାକୃତିକ ପରିବେଶ, ପ୍ରାଚୀନ୍ କୀର୍ତ୍ତି ଓ ଜଳାଶ୍ରୟ ନଷ୍ଟ ହେଉଛି । ଏଣୁ ଖଣି ମାଫିଆମାନଙ୍କ ଠାରୁ ଏଗୁଡ଼ିକୁ ରକ୍ଷା କରିବାକୁ ସେ ନିବେଦନ କରିଛନ୍ତି । ଖଣି ମାଫିଆମାନେ ବେଆଇନ୍ ଭାବେ ବ୍ଲାଷ୍ଟିଂ ଓ କଟିଂ କରି କୋଟି କୋଟି ଟଙ୍କାର ପଥର ଲୁଟ୍ କରିବା ସହ ବିରଳ ଜୀବଜନ୍ତୁ ତଥା ଗଞ୍ଜାମର ଗର୍ବ କୃଷ୍ଣସାର ମୃଗ, ମୟୁରଙ୍କର ମୃତ୍ୟୁ ଘଟୁଥିବା ସେ ଜଣାଇଛନ୍ତି । ବହୁ ପ୍ରାଚୀନ ସପ୍ତେଶ୍ୱର ମନ୍ଦିରର ଚାରିପଟେ ଥିବା ଏହି ସମୂହ ଖଣି ଖନନକୁ ନେଇ ପ୍ରଶ୍ନ କରିଛନ୍ତି । ସୁଶ୍ରୀ ଦେବୀ କହିଛନ୍ତି ଯେ, ଗଞ୍ଜାମର ପୂର୍ବତନ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏଥିପାଇଁ ଦୃଷ୍ଟି ଦେଇନାହାନ୍ତି କି ପ୍ରଶାସନ ପ୍ରକୃତ ତଦନ୍ତ କରିନି । ଜିଲ୍ଲାପାଳ ମିଛ ରିପୋର୍ଟ ଦେଇଥିବା ଆରତୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି । ରିପୋର୍ଟରେ ଜିଲ୍ଲାପାଳ ପାଉଡ଼ର ଜରିଆରେ ବ୍ଲାଷ୍ଟିଂ ହେଉଥିବା ଦର୍ଶାଇଥିବା ଆରତୀ କହିବା ସହ ପ୍ରକୃତରେ ଶହ ଶହ ଜିଲୋଟିନ୍ ଲଗାଇ ବିସ୍ଫୋରଣ କରି ତୁଙ୍ଗାପଡ଼ା ପଞ୍ଚାୟତର ସବୁ ପାହାଡ଼ରୁ ପଥର ଉତ୍ତୋଳନ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏହାକୁ ଆୟୁଦ୍ଧ କରି ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଚାଲିଛନ୍ତି ମାଫିଆ । ଆସନ୍ତା ୬ ତାରିଖ ସୁଦ୍ଧା ସମସ୍ୟାର ସମାଧାନ ନହେଲେ ୧୦ ତାରିଖରୁ ରାଜଭବନ ସମ୍ମୁଖରେ ଧାରଣାରେ ବସିବେ ବୋଲି ସେ ଚେତାବନୀ ଦେଇଛନ୍ତି ।

## ଘରେପଶି ଯୁବତୀଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ୩ ଗିରଫ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ପୌରପାଳିକା ୧୨ ନମ୍ବର ୱାର୍ଡ଼ରେ ଆସାମାଜିକ ଯୁବକମାନଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି । ଉକ୍ତ ୱାର୍ଡ଼ ଅନ୍ତର୍ଗତ ଓଟିଏମ୍ କଲୋନୀରେ ଏକ ଘରେ ଭଡ଼ାରେ ରହୁଥିବା ବାବୁଲା କୁମାର ନାୟକ ଚୌଦ୍ୱାର ଥାନାରେ କରିଥିବା ଲିଖିତ ଅଭିଯୋଗରୁ ପ୍ରକାଶ ଯେ ବୁଧବାର ରାତିରେ ସେ ତାଙ୍କ ପରିବାର ସହିତ ଘରେ ଥିବାବେଳେ ବିଳମ୍ବିତ ରାତିରେ କଲୋନୀର ଅଶିଷ ମହାନ୍ତି, ସୁବ୍ରତ ସ୍ୱାଇଁ, ଯଶୋବନ୍ତ ପାତ୍ରଙ୍କ ସମେତ ୪ ଜଣ ଯୁବକ ତାଙ୍କ ଘରେ ପଶି ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରି ମାଡ଼ ମାରିବା ସହିତ ତାଙ୍କ ଝିଅର ଚୁଟି ଟଣା ଓଟରା କରିଥିଲେ । ଜଣେ ପଡ଼ୋଶୀ ସେମାନଙ୍କୁ ଅଟକାଇବାରୁ ତାଙ୍କୁ ମଧ୍ୟ ଉକ୍ତ ଯୁବକମାନେ ମାଡ ମାରିଥିବା ଅଭିଯୋଗ ହୋଇଛି । ଅଭିଯୋଗ ପାଇ ପୋଲିସ୍ ଘଟଣାର ତଦନ୍ତ କରି ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସ୍ଥାନୀୟ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାରୁ ପୋଲିସ୍ ତରଫରୁ ରାତ୍ରି ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବାପାଇଁ ଅଞ୍ଚଳବାସୀଙ୍କ ତରଫରୁ ଅନୁରୋଧ କରାଯାଇଛି ।



## ମୃତ ଡ୍ରାଇଭରଙ୍କ ପରିବାରକୁ ମହାସଂଘର ସହାୟତା

**ବେଲପଡ଼ା, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଓଡ଼ିଶା ଡ୍ରାଇଭର ମହାସଂଘର ସଦସ୍ୟ ବେଦବ୍ୟାସ ବିଶିଙ୍କ ମୃତ୍ୟୁ ପରେ ପରିବାର ଲୋକଙ୍କୁ ଓଡ଼ିଶା ଡ୍ରାଇଭର ମହାସଂଘ କଣ୍ଟାବାଞ୍ଜି ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି । ବଲାଙ୍ଗିର ଜିଲ୍ଲା କୋଷାଧ୍ୟକ୍ଷ ଅମିତ ଦଣ୍ଡ ସେନା, କଣ୍ଟାବାଞ୍ଜି ଓଡ଼ିଶା ଡ୍ରାଇଭର ମହାସଂଘ ସଭାପତି ଗିରିଧାରୀ ଧାରୁଆ, ସହ ସମ୍ପାଦକ ପ୍ରସାଦ ବାଗ, ଉପସଭାପତି ଶମ୍ଭୁତାଣ୍ଡି, କୋଷାଧ୍ୟକ୍ଷ ଆର୍ତ୍ତତ୍ରାଣ ମହାନନ୍ଦ, କଣ୍ଟାବାଞ୍ଜି ଡ୍ରାଇଭର ୟୁନିଅନ୍ ସଭାପତି କାର୍ତ୍ତିକ ବରିହା, ଉପସଭାପତି ନନ୍ଦଲାଲ କୁମ୍ଭାର, ସମ୍ପାଦକ ରୋହିତ ନାୟକ, ସହ ସମ୍ପାଦକ ବିଜୟ ଦାସ, ଉପଦେଷ୍ଟା ଦେବରାଜ ଯାଦବ, ଲାଲ ବଞ୍ଜୋର୍, ସୁନିଲ ପଟେଲ, ରଞ୍ଜିତ ପୁଞ୍ଜି, ଶଙ୍କର ପୁଞ୍ଜି, ସାର୍ତିକ ବଞ୍ଜୋର୍ ଏବଂ ସଦସ୍ୟ ବୃନ୍ଦମାନେ ଉପସ୍ଥିତ ଥିଲେ । ମୃତ ଡ୍ରାଇଭରଙ୍କ ପରିବାରକୁ ସଂଘ ପକ୍ଷରୁ ୩୦ ହଜାର ଟଙ୍କା ପ୍ରଦାନ କରିଥିଲେ । ଏହି ଗରିବ ପରିବାରକୁ ସହାୟତା କରାଯାଉଥିବାରୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି ।

# ବନ୍ୟା ପ୍ରଭାବିତ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରିବାକୁ ଟିପିଏନ୍ଓଡିଏଲ୍‌ର ଉଦ୍ୟମ ଜାରି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ପ୍ରବଳ ବର୍ଷା ଜାରି ରହିବା ଆକଳନ କରାଯାଇଥିବା ବେଳେ ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଅନୁଗୁଳ, ଦେବଗଡ଼, ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଓ ବରଗଡ଼ ଭଳି ଜିଲ୍ଲା ପାଇଁ ୟେଲୋ ୱାର୍ନିଙ୍ଗ ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶାର ଚାରି ଡିସ୍କମ୍ ଟିପିସିଓଡିଏଲ୍, ଟିପିଏନ୍ଓଡିଏଲ୍, ଟିପିଡବ୍ଲୁଓଡିଏଲ୍ ଏବଂ ଟିପିଏସ୍ଓଡିଏଲ୍ ପକ୍ଷରୁ ମୌସୁମୀ ଋତୁ ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଏହି ଡିସ୍କମ୍‌ଗୁଡ଼ିକ ଜରୁରୀକାଳୀନ ପ୍ରୋଟୋକଲ୍‌କୁ କାର୍ଯ୍ୟକ୍ଷମ କରି ଏବଂ ରାଜ୍ୟବ୍ୟାପୀ ବ୍ୟବସ୍ଥାକୁ ସୁଦୃଢ଼ କରି ପ୍ରାୟ ୯୭ ଲକ୍ଷ ଗ୍ରାହକଙ୍କୁ ନିରବଚ୍ଛିନ୍ନ ଓ ସୁରକ୍ଷିତ ବିଦ୍ୟୁତ୍ ଯୋଗାଣ ଉପରେ ପ୍ରାଥମିକତା





ଦେଉଛନ୍ତି । ଟିପିଏନ୍ଓଡିଏଲ୍ ଅଧିନସ୍ଥ ବାଲେଶ୍ୱର, ଭଦ୍ରକ ଓ ଯାଜପୁରରେ ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ବିଦ୍ୟୁତ୍ ସେବା ସ୍ୱାଭାବିକ କରିବା ପାଇଁ ଗ୍ରାଉଣ୍ଡ ଟିମ୍ ଚବିଶ ଘଣ୍ଟା କାର୍ଯ୍ୟ କରି ତ୍ରୁଟିର ତ୍ୱରିତ ସମାଧାନ ଏବଂ ଲୋକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରୁଛନ୍ତି । ସେହିପରି, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଓ ରାଉରକେଲାରେ ଟିପିଡବ୍ଲୁଓଡିଏଲ୍‌ର ଟିମ୍ ବିଦ୍ୟୁତ୍ ବିଭ୍ରାଟକୁ କମ୍ କରିଥିବା ବେଳେ ପ୍ରଭାବିତ ସମୁଦାୟକୁ ସହାୟତା ପ୍ରଦାନ କରୁଛନ୍ତି । ବାତ୍ୟା ଦାନା ଓ କାଳବୈଶାଖୀ ଭଳି ଅତୀତରେ ଘଟିଥିବା ଚରମ ପାଣିପାଗ ଜନିତ ଘଟଣାରୁ ମିଳିଥିବା ଶିକ୍ଷାକୁ ଉପଯୋଗ କରି ଡିସ୍କମ୍‌ଗୁଡ଼ିକ ନିଜର ଭିତ୍ତିଭୂମିରେ ଉନ୍ନତି ଆଣିଛନ୍ତି ଏବଂ ପ୍ରତିକ୍ରିୟା ରଣନୀତି ପ୍ରସ୍ତୁତ କରିଛନ୍ତି । ଇଞ୍ଜିନିୟର, ଲାଇନ୍‌ମ୍ୟାନ୍ ଓ ସହାୟକ କର୍ମଚାରୀଙ୍କୁ ମିଶାଇ ୧୫,୦୦୦ ଶ୍ରମଶକ୍ତିର ଏକ ଦଳ ବାସ୍ତବ ସମୟ ପ୍ରତିକ୍ରିୟା ପାଇଁ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ମୂତୟନ କରାଯାଇଛି । ଏହା ସହିତ ଭୁବନେଶ୍ୱରର ବିଦ୍ୟୁତ୍ ବଣ୍ଟନ ପ୍ରଯୁକ୍ତି କେନ୍ଦ୍ର ଉନ୍ନତ ଗ୍ରିଡ୍ ନିରୀକ୍ଷଣ ଓ ସମନ୍ୱୟ ସୁବିଧା ପ୍ରଦାନ କରୁଛି । ଗ୍ରାହକଙ୍କ ପାଇଁ ପରାମର୍ଶବଳୀ: ପ୍ରବଳ ବର୍ଷା ସମୟରେ ନିରାପଦ ରହିବା ପାଇଁ ନିମ୍ନଲିଖିତ ସୁରକ୍ଷା ପଦକ୍ଷେପ ଗ୍ରହଣ କରିବାକୁ ଡିସ୍କମ୍‌ଗୁଡ଼ିକ ପରାମର୍ଶ ଦେଇଛନ୍ତି ।

## ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ କରି ଶିକ୍ଷକ ନିଲମ୍ବିତ

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତ ପତ୍ରାପାଲି ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କୁ ସେହି ସ୍କୁଲ୍‌ର ଜଣେ ଶିକ୍ଷକ ଅସଦାଚରଣ କରି ନିଲମ୍ବିତ ହୋଇଥିବା ବଡ ଚର୍ଚ୍ଚାର ବିଷୟ ହୋଇଥିବା ଶିକ୍ଷା ବିଭାଗ ତରଫରୁ ସୂଚନା ମିଳିଛି । ମିଳିଥିବା ସୂଚନା ଅନୁସାରେ ପତ୍ରାପାଲି ପ୍ରାଥମିକ ବିଦ୍ୟାଳୟ ଜଣେ ଶିକ୍ଷକ ନୂତନ ଭାବେ ଯୋଗଦେଇଥିବା ଜଣେ ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ କରିଆସୁଥିବା ନେଇ ଜିଲ୍ଲା ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ ପାଖରେ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଭିତ୍ତିକରି ଏକ ତଦନ୍ତକାରୀ ଦଳ ଘଟଣାର ତଦନ୍ତ ଆରମ୍ଭ କରିଥିଲେ । ତଦନ୍ତ ପରେ ସମ୍ପୃକ୍ତ ଶିକ୍ଷକଙ୍କୁ ନିଲମ୍ବନ ସହ ଲୁହୁରେଟ ପ୍ରାଥମିକ ବିଦ୍ୟାଳୟକୁ ଶିକ୍ଷାଦାନ ପାଇଁ ପଠାଯାଇଥିବା ଏବିଓ /ବିଆର୍‌ସିସି ରୁଦ୍ରଦେବ ଷଡଙ୍ଗୀ ପ୍ରକାଶ କରିଛନ୍ତି ।

## ରମ୍ଭା ଏସ୍‌ବିଆଇ ଶାଖାରେ ନୂତନ ପରିଚାଳକ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ରମ୍ଭା ଶାଖାରେ ନୂତନ ପରିଚାଳକ ରୂପେ ସୌମ୍ୟକାନ୍ତ ପଟ୍ଟନାୟକ ଯୋଗଦେଇଛନ୍ତି । ଏଥି ପୂର୍ବରୁ ହିଞ୍ଜିଳିକାଟୁ ଶାଖାରେ କାର୍ଯ୍ୟରତ ଥିଲେ । ସେ ନିଜେ ଗଣମାଧ୍ୟମ ନିକଟରେ ନିଜର ବକ୍ତବ୍ୟ ରଖି ଗ୍ରାହକଙ୍କ ସୁବିଧା ଅସୁବିଧା ପାଇଁ ତଥା ବିକାଶ ପାଇଁ ଅର୍ଥ ଦେଣନେଣ କାର୍ଯ୍ୟକ୍ରମ ପାଇଁ ବସିଅଛୁ ।



ଏଣୁ ଗ୍ରାହକଙ୍କ ଆପତ୍ତି ଅଭିଯୋଗ ଦ୍ୱରିତ ବେଗରେ ସେବା ଜାରି ରଖିବୁ । ତତ୍ ସହିତ ଉପରୋକ୍ତ ଅଞ୍ଚଳ ଭଲ ଏବଂ ମୋର କର୍ମରତ କର୍ମଚାରୀ ଭଲ ଅଟନ୍ତି କିନ୍ତୁ ଏମାନଙ୍କୁ ଅଧିକ ଗାଇଡ଼ ଲାଇନ୍ ଦେଲେ ଭଲ କାମ କରିବେ ବୋଲି ପ୍ରକାଶ କରିଥିଲେ । ଉପରୋକ୍ତ ବ୍ରାଞ୍ଚରେ ପୂର୍ବରୁ ଥିବା ଶାଖା ପରିଚାଳକ ଲକ୍ଷ୍ମଣ ମୁର୍ମୁ ଭୁବନେଶ୍ୱର ମୁଖ୍ୟ ବ୍ରାଞ୍ଚକୁ ବଦଳି ହୋଇଥିବା ଜଣାଯାଇଛି ।

# ସ୍କୁଲ୍ ଜମି ଲିଜ୍ ବାତିଲ୍ ପାଇଁ ଅଭିଭାବକଙ୍କ ଦାବି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ତହସିଲ ଅଧିନରେ ଥିବା କପାଳେଶ୍ୱର ମୌଜାରେ ଥିବା କପାଳେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ପତିକୁ ଜଣେ ବ୍ୟକ୍ତିଗତ ଲୋକଙ୍କୁ ଲିଜ୍ ଦେବା ନେଇ ଏକ ଅଭାବନୀୟ ଘଟଣା ଘଟିଥିବାରୁ ସ୍କୁଲର ଶତାଧିକ ଅଭିଭାବକ ଲିଜ୍ ବାତିଲ କରିବା ପାଇଁ ଦାବି କରିଛନ୍ତି । ଦାବି ମୁତାବକ ସ୍କୁଲ୍ ଜମିକୁ ଲିଜ୍ ସୂତ୍ରରେ ଦେଇଥିବା ଘଟଣା ଜଣାପଡିବା ପରେ ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍କୁଲ୍‌ର ଶିକ୍ଷକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶପାଇଛି । କେନ୍ଦ୍ରାପଡା ବ୍ଲକ କପାଳେଶ୍ୱର ପଞ୍ଚାୟତରେ ଥିବା କପାଳେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜମି ପ୍ଲଟ୍ ନଂ ୬୪୨ ଓ ୬୪୧ ପ୍ରାୟ ୫୦ ଡିସିମିଲ୍ ଜମି ଉପରେ ଦୀର୍ଘ ବର୍ଷ



ହେଲା ସ୍କୁଲ୍ ଅବସ୍ଥାପିତ । ସ୍କୁଲ୍ ପରିସରରେ ଅଙ୍ଗନୱାଡ଼ି କେନ୍ଦ୍ର, ଶୌଚାଳୟ ଓ ଛାତ୍ରଛାତ୍ରୀ ମାନେ ଖେଳିବା ପାଇଁ ଆବଶ୍ୟକ ଜାଗା ରହିଛି । ଏହି ଜାଗାକୁ ସ୍ଥାନୀୟ ଅଞ୍ଚଳର ବାସନ୍ତୀ ସେଠୀ ନାମକ ଜଣେ ମହିଳା ପ୍ଲଟ୍ ନଂ-୬୪୧, ଖାତା ନଂ-୫୫୫/୬୪୯ ରକବାରେ ଥିବା ଏ୦.୦୫୦ ଡି (ଘରବାରି) ମୌଜା-କପାଳେଶ୍ୱର ସମ୍ପତିକୁ ୨୦୧୨ ମସିହାରେ ବେଆଇନ୍ ଭାବରେ ଲିଜ୍ କେଶ୍ ନଂ-୩୭/୨୦୧୩ ରେ ମକଦମା କରି ନିଜ ନାମରେ କରିନେଇଛନ୍ତି । ଏବେ ଏହାକୁ ଦଖଲରେ ନେବାପାଇଁ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବାରୁ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକ୍ରମେ ଜାଗା ଚିହ୍ନଟ କରିବାକୁ ଯାଇଥିବା କେନ୍ଦ୍ରପଡା ତହସିଲର ଆର୍‌ଆଇ, ଅମିନ ଘଟଣାସ୍ଥଳରେ ପହଞ୍ଚିବା ପରେ ଘଟଣା ଜଣାପଡିଥିଲା । ସ୍କୁଲ୍‌ର ଅଧାରୁ ଅଧିକ ସମ୍ପତି ଲିଜ୍‌ରେ ଯାଇଥିବା ଜଣାପଡିବା ପରେ ଏହି ସ୍କୁଲ୍‌ର ଭୂ-ସମ୍ପତ୍ତିର ଲିଜ୍‌କୁ ତୁରନ୍ତ ବାତିଲ୍ କରିବା ପାଇଁ ସ୍କୁଲ୍ ପରିଚାଳନା କମିଟି, ସ୍ଥାନୀୟ ଅଞ୍ଚଳର ବାସିନ୍ଦା ଓ ସ୍କୁଲ୍‌ର ଶିକ୍ଷକ, ଶିକ୍ଷୟିତ୍ରୀମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ସରପଞ୍ଚଙ୍କ ପ୍ରତିନିଧି ଲୋହିତ କୁମାର ମହାନ୍ତି, ଗୁଲନଗର ସମାଜ ସମିତି ସଭାପତି ବିଷ୍ଣୁ ମହାପାତ୍ର, ହରିନାରାୟଣ ମଳିକ, ବୈଷ୍ଣବଚରଣ ବଳ, ହିମାଂଶୁ ବେହେରା, ରାକେଶ ରାୟ ସମେତ ଗ୍ରାମର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ତେବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନ୍ଦ୍ର କୁମାର ମଳିକ ଘଟଣାର ସମାଧାନ କରିବା ନିମନ୍ତେ ପ୍ରତିଶୃତି ଦେଇଥିବା ଜଣାପଡିଛି ।

# ସ୍କୁଲ୍ ପରିସରରେ ଜମିଲା ବର୍ଷା ଜଳ:ପ୍ରତିକାର ଦାବିରେ ରାସ୍ତା ରୋକ୍

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ମହାଦେବପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବର୍ଷା ଓ କେନାଲ ପାଣି ପଶି ସ୍କୁଲ୍ ପରିସରରେ ଆଣ୍ଠୁଏ ପାଣି ଜମା ହୋଇଛି । ସାମାନ୍ୟ ବର୍ଷା ହେଲେ ପୂର୍ବରୁ ବିଦ୍ୟାଳୟରେ ଏଭଳି ପାଣି ଜମି ରହୁଥିବାରୁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କେହି ଶୁଣୁ ନଥିବାରୁ ପୁଣି ବିଦ୍ୟାଳୟ ପରିସରରେ ପାଣି ଜମି ରହିଥିଲା । ସ୍କୁଲ୍ ଭିତରେ ପାଣି ରହି ଥିବାରୁ ପାଣିରେ ସାପ ଆସି ସ୍କୁଲ୍ ଭିତରେ ଥିବା ଦେଖିବାକୁ ମିଳିଥିଲା । ଯାହାଫଳରେ ଛାତ୍ରଛାତ୍ରୀମାନେ ଭୟଭିତ ଅବସ୍ଥାରେ ରହୁଛନ୍ତି । ପୂର୍ବରୁ ବିଦ୍ୟାଳୟରେ ଲାଗି ରହିଥିବା ସମସ୍ୟାର ସମାଧାନ ନହେବାରୁ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ବାଧ୍ୟ ହୋଇ ରାଜ ରାସ୍ତାକୁ ଆସି ବିନିକା-ସୋନପୁର ମୁଖ୍ୟ ରାସ୍ତାକୁ ରାସ୍ତା ରୋକ୍ କରିଥିଲେ । ରାସ୍ତା ରୋକ୍ ଖବର ପାଇ ସୁବର୍ଣ୍ଣପୁର ଜିଲ୍ଲାପାଳ ନୃପରାଜ ସାହୁ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ସନ୍ତୋଷ ଜନକ ପଦକ୍ଷେପ ନେବା ପାଇଁ ପ୍ରତିଶୃତି ପରେ ରାସ୍ତା ରୋକ୍ ପ୍ରତ୍ୟାହୃତ ହେବା ସହ ସ୍ଥିତି



ସ୍ୱାଭାବିକ ହୋଇଥିଲା । ସୂଚନା ଯୋଗ୍ୟ ଯେ , ୧୯୫୮ ମସିହାରେ ସ୍ଥାପିତ ମହାଦେବପାଲି ବିଦ୍ୟାଳୟ, ପ୍ରାଥମିକ, ଉଚ୍ଚ ପ୍ରାଥମିକରେ ପରିବର୍ଦ୍ଧିତ ହୋଇ ବର୍ତ୍ତମାନ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଏବଂ ବାଳବାଟିକା ମିଶାଇ ୯ଟି ଶ୍ରେଣୀର ୧୧୦ ଛାତ୍ରଛାତ୍ରୀଙ୍କ ପାଇଁ ଦୁଇଜଣ ସ୍ଥାୟୀ ଶିକ୍ଷକ ଓ ଜଣେ ଡେପୁଟେସନ ଶିକ୍ଷକ ନିଯୁକ୍ତ ହୋଇଛନ୍ତି । ରହିଛି କେବଳ ଦୁଇଟି ଛାତ ଘର । ବର୍ତ୍ତମାନ ମଧ୍ୟ ୧୯୫୮ ମସିହାର ମାଟିକାନ୍ଥ ଆଜବେଷ୍ଟର ଛାଉଣି ଫଟା ଚଟାଣକୁ କାନ୍ଥରେ ଫାଟ । ଅନେକ ସମୟରେ ବିଷଧର ସାପ ବାହାରିବା ଭଳି ବିପଦ ସଂକୁଳ କୋଠରୀରେ ପାଠ ପଢୁଛନ୍ତି ଛାତ୍ରଛାତ୍ରୀ । ଉକ୍ତ ବିଦ୍ୟାଳୟ ପରିସରରେ ରହିଛି ଅଙ୍ଗନବାଡି କେନ୍ଦ୍ର ଯେଉଁଠି ୧୦ ଜଣ କୋମଳମତି ଶିଶୁ ଅଛନ୍ତି । ଅଙ୍ଗନବାଡି କେନ୍ଦ୍ରର ଛାତରୁ ସିମେଣ୍ଟ ଅତଡା ଖସି ଛଡ ବାହାରି ଗଲାଣି ବର୍ଷା ହେଲେ ଅବସ୍ଥା ଅତ୍ୟନ୍ତ ଶୋଚନୀୟ । ଏତଦ୍‌ବ୍ୟତୀତ ଅନେକ ସମୟରେ ବର୍ଷା ହେଲେ ଏବଂ କେନାଲ ପାଣି ବିଦ୍ୟାଳୟ ଭିତରେ ପଶି ଆଣ୍ଠୁଏ ପାଣି ଜମି ରହିବା ସହ କୋଠରୀକୁ ପାଣି ପଶି ଯାଇଥାଏ । ପୁଣିଥରେ କେନାଲ ପାଣି ବିଦ୍ୟାଳୟ ଭିତରେ ପଶି ଆଣ୍ଠୁଏ ଜମି ରହିଥିଲା । ଛାତ୍ରଛାତ୍ରୀ ରାସ୍ତାରେ ରହିଯାଇଥିଲେ । ତେବେ ନିକଟରେ ଏଭଳି ପରିସ୍ଥିତି ହୋଇଥିଲା ଯାହାକି ଅନେକ ଗଣମାଧ୍ୟମରେ ପ୍ରକାଶ ପାଇଥିଲେ ମଧ୍ୟ ପ୍ରଶାସନିକ ଅବହେଳାରୁ କୌଣସି ପ୍ରକାର ସମାଧାନର ବ୍ୟବସ୍ଥା ହୋଇନଥିଲା । ପରେ ଅବିଭାବକ ତଥା ଜନସାଧାରଣ ତୀବ୍ର ଅସନ୍ତୋଷ ପ୍ରକାଶ କରି ବିନିକା - ସୋନପୁର ମୁଖ୍ୟରାସ୍ତା ବିଦ୍ୟାଳୟ ସମ୍ମୁଖରେ ରାସ୍ତାରୋକ କରିଥିଲେ । ରାସ୍ତା ଉଭୟ ପଟରେ ଅନେକ ଯାନବାହାନ ଅଟକି ରହିଥିଲା । ପରେ ଜିଲ୍ଲାପାଳ ଶ୍ରୀ ସାହୁ ଘଟଣାସ୍ଥଳରେ ପହଞ୍ଚି ସମସ୍ୟାର ଯଥାସମ୍ଭବ ତତ୍କାଳ ପଦକ୍ଷେପ ନେଇ ବିନିକା ବିଡିଓ, ବିନିକା ବିଇଓ, ପିଡବ୍ଲୁଡି ଜେଇ, ସରପଞ୍ଚ ସମସ୍ତଙ୍କୁ ଡାକି ସମାଧାନ ପାଇଁ ନିର୍ଦ୍ଦେଶ ତଥା ସନ୍ତୋଷ ଜନକ ପ୍ରତିଶୃତି ଦେଇଥିଲେ । ରାସ୍ତାରୋକ ପ୍ରତ୍ୟାହୃତ ହେବାପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା । ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବିଦ୍ୟାଳୟ ଛୁଟି କରାଯାଇଥିଲା ଏବଂ ରଘୁନାଥ ଯୁବକ ସଂଘର ସଦସ୍ୟଙ୍କ ପ୍ରସ୍ତାବ ଗ୍ରହଣ କରି ଯୁବକ ସଂଘ ସଭା ଗୃହରେ ଶିକ୍ଷାଦାନ କରିବାକୁ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦେବାସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଫଟୋ ଉଠାଇ ବିଦ୍ୟା ଅଧ୍ୟୟନ ନେଇ ଉତ୍ସାହିତ କରିଥିଲେ । କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନହେବା ପାଇଁ ବିନିକା ଥାନା ଓ ମହାଦେବପାଲି ଫାଣ୍ଡିର ପୋଲିସ ଷ୍ଟାଫ୍ ମୂତୟନ ହୋଇଥିଲେ ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨।୮।୨୦୨୫, ଶ୍ରାବଣ ଦି୧୮ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୫।୨୨।୪୮ ଚନ୍ଦ୍ରୋଦୟ- ଦିଘ ୧୨।୩୩।୫୮**

**ଅଷ୍ଟମୀ (ମଳ)-** ଦିଘ ୭।୨୪ ପର୍ଯ୍ୟନ୍ତ । **ବିଶାଖା ନକ୍ଷତ୍ର-** ଅହୋରାତ୍ର । **ତୁଳା ଚନ୍ଦ୍ର-** ରାଘ ୧୧।୫୨ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । ରାଘ ୧୧।୫୨ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ଦିଘ ୭।୨୪ ପରେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୧୬ ଗତେ ଘ ୧।୧୦ ମଧ୍ୟେ । ରାଘ ୮।୩୩ ଗତେ ଘ ୧୦।୪୬ ମଧ୍ୟେ ।


**ମେଷ:** ଅନିୟମିତ କାର୍ଯ୍ୟ କରି ଅପମାନିତ ହୋଇପାରନ୍ତି । ଯାତ୍ରାରେ ଅସଫଳ ହେବେ । ଭ୍ରମଣର ସୁଯୋଗ ମଧ୍ୟ ମିଳିବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଗୃହେ ଆନନ୍ଦ । ଦେହ ଓ ମନ ଭଲ ରହିବ ।


**ବୃଷ:** ଶତ୍ରୁମାନେ ପରାସ୍ତ ହେବେ । କର୍ମକ୍ଷେତ୍ରରେ ପଦସ୍ଥ କର୍ମକର୍ତ୍ତାଙ୍କ ସାନ୍ନିଧ୍ୟ ଲାଭ କରିବେ । ପିଲାମାନଙ୍କ ପାଇଁ ମନରେ କଷ୍ଟ ଆସିପାରେ । ରୋଜଗାର ଭଲ ହେବ । ପାରିବାରିକ ଶାନ୍ତି ଅକ୍ଷୁର୍ଣ୍ଣ ରହିବାର ସୂଚନା ।


**ମିଥୁନ:** ପଢ଼ାଲେଖାରେ ଉନ୍ନତି ହେବ । କାର୍ଯ୍ୟ ହାସଲରେ ସକ୍ଷମ ହେବେ । ମାନସିକ ଅଶାନ୍ତି ଦେଖାଦେବ । ଦେହ ଓ ମନ ଭଲ ରହିବ । ରୋଜଗାର ସ୍ଥିର ରହିବ । ଘରେ ଶାନ୍ତି ଓ ଆନନ୍ଦ । ମନସ୍କାମନା ପୂରଣ ହେବ ।


**କର୍କଟ:** କର୍ମକ୍ଷେତ୍ରରେ ଅସହଯୋଗ ଦେଖାଦେବ । ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ । ବନ୍ଧୁ ଆପଣଙ୍କ ଠାରୁ ଦୂରେଇ ଯିବେ । ଆୟରେ ଉନ୍ନତି ହେବ । ପାରିବାରିକ ଜୀବନ ସୁଖଶାନ୍ତିରେ କଟିବ । ମହିଳାମାନେ ସୁଖୀ ହେବେ ।


**ସିଂହ:** କାର୍ଯ୍ୟକ୍ଷେତ୍ରରେ ପ୍ରାଧାନ୍ୟତା ଲାଭ କରିବେ । ମଧ୍ୟାହ୍ନେ ଟେନ୍‌ସନ୍ ଦୂର ହୋଇଯିବ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହେବ । ଗୃହେ ଆନନ୍ଦ ଲାଗି ରହିବ । ଆୟ ପୂର୍ବ ପରି ସ୍ଥିର ରହିବ । ପରୋପକାରୀ ହେବେ ।


**କନ୍ୟା:** ବ୍ୟବସାୟରେ ଲାଭବାନ୍ ହେବେ । ବନ୍ଧୁବାନ୍ଧବ ସହଯୋଗିତାରେ ମନୋଭାବ ଆଣିବେ । ଆଜିର ଯାତ୍ରାରେ ଲକ୍ଷ୍ୟ ହାସଲ କରିବେ । ରୋଜଗାରର ପରିମାଣ ବଢ଼ିବ । ପରିବାରରେ ସୁଖ ଶାନ୍ତି ଅବ୍ୟାହତ ରହିବ । ସବୁ କାର୍ଯ୍ୟ ସଫଳ ହେବ ।


**ତୁଳା:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଧନବାନ୍ ହେବେ । ପରିବାରରେ ଆନନ୍ଦ ଓ ଖୁସି ଲାଗି ରହିବ । ପିଲାମାନେ ପାଠପଢ଼ାରେ ମନ ଦେବେ । ଦେହ ଭଲ ରହିବ ।


**ବିଛା:** କର୍ମକ୍ଷେତ୍ରରେ ପ୍ରତାରଣାର ଶିକାର ହୋଇପାରନ୍ତି । ଅଚିହ୍ନା ବ୍ୟକ୍ତିଙ୍କ କଥାରେ ଯିବେନାହିଁ । ମାନସିକ ଅଶାନ୍ତି ଦେଖାଦେଇପାରେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ ଅଶାନ୍ତି ଦେଖାଦେବ ।


**ଧନୁ:** ଆଜି ଆପଣ ଯେଉଁ କାର୍ଯ୍ୟ କରିବେ ତାହା ସମ୍ପନ୍ନ ହୋଇଯିବ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ବ୍ୟୟର ମାତ୍ରା ଅଧିକ ହେବ । ମନରେ ବିରକ୍ତି ଭାବ ଜାଗ୍ରତ ହେବ । ପାରିବାରିକ ବିଶୃଙ୍ଖଳା ଦେଖାଦେଇପାରେ ।


**ମକର:** କର୍ମକ୍ଷେତ୍ରରେ ସହଯୋଗ ଲାଭ କରି ଉପକୃତ ହେବେ । ଆର୍ଥିକ ସ୍ଥିତିରେ ଉନ୍ନତି ହେବ । ଶୁଭ ଖବର ପାଇବେ । ସୁସମ୍ପର୍କ ଖରାପ ହୋଇପାରେ । ଦେହ ଭଲ ରହିବ । ଗୃହେ ଶାନ୍ତି ଅବ୍ୟାହତ ରହିବ । ଶତ୍ରୁମାନେ ନାଶ ହେବେ ।


**କୁମ୍ଭ:** ଆଜି ଆପଣଙ୍କର ଭ୍ରମଣ ଯୋଗ ଅଛି । ବ୍ୟବସାୟରେ ଲାଭବାନ୍ ହେବେ । ମନ ଅସ୍ଥିର ରହିବ । ପରିବାରରେ ସମସ୍ତେ ଖୁସିରେ ରହିବେ । ରୋଜଗାର ମଧ୍ୟମ ଧରଣର ହେବ । ଦେହ ଓ ମନ ଭଲ ରହିବ ।


**ମୀନ:** ସମାଜରେ ଲୋକ ସମ୍ପର୍କ ବଢ଼ିବ । ଆୟ ଓ ବ୍ୟୟ ସମାନ ରହିବ । ମାନସିକ ଅସ୍ଥିରତା ଲାଗି ରହିବ । ମାଲିମୋକଦ୍ଦମା ଯୋଗୁ ଚିନ୍ତା ହୋଇପାରେ । ପରିବାରରେ ସୁଖ ଶାନ୍ତି ବଜାୟ ରହିବ । ଶରୀର ସୁସ୍ଥ ରହିବ ।

## ଟାଟା ଷ୍ଟିଲ୍‌ର ଟିକସ ପରବର୍ତ୍ତୀ ଲାଭ ୧୧୮% ବୃଦ୍ଧି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଟାଟା ଷ୍ଟିଲ୍ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଫଳାଫଳ ଘୋଷଣା କରାଯାଇଛି । ଏହି ସମୟରେ କମ୍ପାନୀର ଟିକସ ପରବର୍ତ୍ତୀ ଲାଭ (ପିଏଟି) ୧୧୮ ପ୍ରତିଶତ ବୃଦ୍ଧି ପାଇ ୨୦୦୭ କୋଟି ଟଙ୍କା ହୋଇଥିବା ବେଳେ ରାଜସ୍ୱ ପରିମାଣ ୫୩,୧୭୮ କୋଟି ଟଙ୍କା ଏବଂ ଇବିଟ୍‌ଡିଏ ୧୪% ମାର୍ଜିନ୍ ସହ ୭୪୮୦ କୋଟି ଟଙ୍କା ହୋଇଛି । ଭାରତରେ କମ୍ପାନୀର ରାଜସ୍ୱ ଓ ଇବିଟ୍‌ଡିଏ ଯଥାକ୍ରମେ ୩୧,୧୩୭ କୋଟି ଏବଂ ୭୪୮୬ କୋଟି ଟଙ୍କା ହୋଇଛି । ଭାରତ ଟିକସ ପରବର୍ତ୍ତୀ ଲାଭ ୩୪୫୪ କୋଟି ଟଙ୍କା ଓ ଟନ୍ ପିଛା ଇବିଟ୍‌ଡିଏ ୨୫୧୦ ଟଙ୍କା ବୃଦ୍ଧି ପାଇ ୧୫,୭୬୦ ଟଙ୍କା ହୋଇଛି । ଅଶୋଧିତ ଇସ୍ପାତ ଉତ୍ପାଦନ ୫.୨୪ ନିୟୁତ ଟନ୍ ଓ ଡେଲିଭରି ୪.୭୫ ନିୟୁତ ଟନ୍ ରହିଛି । ଜାମସେଦପୁର ଓ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍‌ଆଇଏନ୍‌ଏଲ୍)ରେ ରକ୍ଷଣାବେକ୍ଷଣ ଜନିତ ସଟ୍‌ଡାଉନ୍ ପାଇଁ ତ୍ରୈମାସିକ ଉତ୍ପାଦନ ଓ ଡେଲିଭରି ପ୍ରଭାବିତ ହୋଇଥିଲା ଏବଂ ଆଗାମୀ ତ୍ରୈମାସିକରେ ସେଥିରେ ଉନ୍ନତି ଆଶା କରାଯାଉଛି । କମ୍ପାନୀର ବ୍ରିଟେନ୍ ରାଜସ୍ୱ ୫୩୬ ନିୟୁତ ୟୁରୋ ଓ ନେଦରଲ୍ୟାଣ୍ଡ୍‌ସର ୧୫୧୯ ନିୟୁତ ୟୁରୋ ରହିଛି । କମ୍ପାନୀ ପକ୍ଷରୁ ଏହି ତ୍ରୈମାସିକରେ ୩୮୨୯ କୋଟି ଟଙ୍କାର ପୁଞ୍ଜି ବ୍ୟୟ କରାଯାଇଛି । କଳିଙ୍ଗନଗରରରେ ୫ ଏମ୍‌ଟିପିଏ ବ୍ଲାଷ୍ଟ୍ ଫର୍ଣ୍ଣେସ୍ ଠିକ୍ ଭାବେ ଉନ୍ନତି ହୋଇଛି । ସିଆର୍‌ଏମ୍ କମ୍ପ୍ଲେକ୍ସରେ ସଫଳତାର ସହିତ ଅନ୍ୟତମ ଦୁଇ କଂଟିନିଅସ୍ ଗାଲଭାନାଇଜିଂ ଲାଇନ୍‌କୁ କାର୍ଯ୍ୟକ୍ଷମ କରାଯାଇଛି । ଲୁଧିଆନା ଇଏଏଫ୍‌ରେ ନିର୍ମାଣ ଜାରି ରହିଛି । ୨୦୨୫ ଜୁଲାଇ ୨୪ରେ କମ୍ପାନୀ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍‌ଆଇଏନଏଲ୍)ର ୧୦୦% ଇକ୍ୱିଟିସେୟାର ଅଧିଗ୍ରହଣ ଶେଷ କରିଛି । ଟାଟା ଷ୍ଟିଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ପରିଚାଳନା ନିର୍ଦ୍ଦେଶକ ଟିଭି ନରେନ୍ଦ୍ରନ୍ କହିଛନ୍ତି ଯେ, ଅସ୍ଥିର ବିଶ୍ୱ ପରିସ୍ଥିତି ଏବଂ ବଢୁଥିବା ଅନିଶ୍ଚିତତା ସତ୍ତ୍ୱେ ଟାଟାଷ୍ଟିଲ୍ ବିଭିନ୍ନ ଅଞ୍ଚଳରେ ମଜଭୁତ ଲାଭ ପ୍ରଦର୍ଶନ କରିଛି ।

Ministry of Culture
Government of India





'ତ୍ରିରଙ୍ଗାର ଗୌରବକୁ ବଜାୟ ରଖିବାରେ ହର ଘର ତ୍ରିରଙ୍ଗା ଅଭିଯାନ ଏକ ଅନନ୍ୟ ଉତ୍ସବ ପାଲଟିଛି'

-ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

# ଆସନ୍ତୁ ଆମେ ସର୍ବବୃହତ୍ ଦେଶବ୍ୟାପୀ ଜନ ଭାଗିଦାରୀ ଆନ୍ଦୋଳନର ଗର୍ବିତ ସ୍ୱେଚ୍ଛାସେବକ ହେବା

# ହର ଘର ତ୍ରିରଙ୍ଗା

୨-୧୫ ଅଗଷ୍ଟ ୨୦୨୫

## ଅଂଶଗ୍ରହଣ କରନ୍ତୁ ଏବଂ ହର ଘର ତ୍ରିରଙ୍ଗାର ଉତ୍ସାହ ବିସ୍ତାର କରନ୍ତୁ

- ଲୋକମାନଙ୍କୁ ଏକତାର ସୂତ୍ରରେ ଏକତ୍ରିତ କର
- ଘରେ ଜାତୀୟ ପତାକା ଉତ୍ତୋଳନ କରିବାକୁ ସେମାନଙ୍କୁ ପ୍ରେରଣା ଦିଅନ୍ତୁ
- harghartiranga.com ରେ ତ୍ରିରଙ୍ଗା ସହିତ ସେଲ୍ଫି ଅପଲୋଡ୍ କରନ୍ତୁ

## ସ୍ୱେଚ୍ଛାସେବୀ ହେବାକୁ ଏହି ପଦକ୍ଷେପଗୁଡିକୁ ଅନୁସରଣ କରନ୍ତୁ

**ପଦାଙ୍କ ୧**
harghartiranga.com ପରିଦର୍ଶନ କରନ୍ତୁ

**ପଦାଙ୍କ ୨**
'ସ୍ୱେଚ୍ଛାସେବକ ହୁଅନ୍ତୁ' ଉପରେ କ୍ଲିକ୍ କରନ୍ତୁ

**ପଦାଙ୍କ ୩**
ବିବରଣୀ କରନ୍ତୁ

**ପଦାଙ୍କ ୪**
'ରେଜିଷ୍ଟର' ଉପରେ କ୍ଲିକ୍ କରନ୍ତୁ

ସ୍ୱେଚ୍ଛାସେବକ ପଞ୍ଜିକରଣ ଆରମ୍ଭ : ୨ ଅଗଷ୍ଟ ୨୦୨୫

CBC 09101/13/0012/2526

ଆସନ୍ତୁ ପ୍ରତ୍ୟେକ ଘରେ ହର ଘର ତ୍ରିରଙ୍ଗା ମୁହୂର୍ତ୍ତକୁ ପୁନର୍ଜୀବିତ କରିବା !

ଅଧିକ ସୂଚନା ପାଇଁ ଏହାକୁ ସ୍କାନ କରନ୍ତୁ

31 YEARS
ପ୍ରଭାତୀୟ ସମ୍ବାଦ କଳିକା

# ଭିଏତନାମ୍, ଇଣ୍ଡୋନେସିଆ ତୁଳନାରେ ଅଧିକ ଟିକସ ଲାଗିଛି ଭାରତ ଉପରେ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ (ଟାରିଫ୍) ଲଗାଇଥିବାରୁ ଆମେରିକାକୁ ଜିନିଷ ପଠାଉଥିବା ରପ୍ତାନିକାରୀମାନଙ୍କ କାରବାର ପ୍ରଭାବିତ ହେବା ଆଶଙ୍କା କରାଯାଉଛି। ଶୁଳ୍କ ବଢ଼ିଥିବାରୁ ଭାରତୀୟ ଜିନିଷ ରପ୍ତାନି କରିବାକୁ ଅନେକ ଆଶଙ୍କା ଦେଖାଦେବ। ବିଶେଷ କରି ଫାର୍ମା, ବୟନ, ଅଟୋ ଯନ୍ତ୍ରାଂଶ କ୍ଷେତ୍ରଅଧିକ ପ୍ରଭାବିତ ହେବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ବିଶେଷଜ୍ଞମାନେ କହିଛନ୍ତି ଯେ ଆମେରିକାକୁ ଜିନିଷ ପଠାଉଥିବା ଭିଏତ୍‌ନାମ, ଇଣ୍ଡୋନେସିଆର ରପ୍ତାନିକାରୀମାନଙ୍କ ସହ ଭାରତୀୟ ରପ୍ତାନିକାରୀମାନେ ପ୍ରତିଦ୍ୱନ୍ଦ୍ୱିତା କରିବା କଷ୍ଟକର ହେବ। ଔଷଧ ଓ ଅନ୍ୟାନ୍ୟ ଫାର୍ମା ସାମଗ୍ରୀ, ଅଟୋ ଯନ୍ତ୍ରାଂଶ, ସୁନା ଓ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ରପ୍ତାନି କରିବା ସହଜ ହେବ ନାହିଁ। ତେବେ କିଛି ବିଶେଷଜ୍ଞ କହିଛନ୍ତି ଯେ ଦୁଇ ଦେଶ ଭିତରେ ଦ୍ୱିପାକ୍ଷିକ କାରବାର ଏତେ ଅଧିକ ନ ଥିବାରୁ ଏହି ଶୁଳ୍କ ଭାରତକୁ ମାତ୍ରାଧିକ ପ୍ରଭାବିତ କରିପାରିବ ନାହିଁ। ବଜାର ବିଶେଷଜ୍ଞ ସୁନିଲ ସୁବ୍ରମଣ୍ୟମ କହିଛନ୍ତି ଯେ ଆମେରିକା ପକ୍ଷରୁ ଭିଏତନାମ୍ ଉପରେ ୨୦ ଓ ଇଣ୍ଡୋନେସିଆ ଉପରେ ୧୯ ପ୍ରତିଶତ ଟିକସ ଲଗାଯାଇଛି। ଏହି ଦୁଇ ଦେଶ ତୁଳନାରେ ଭାରତ ଉପରେ ଅଧିକ ଟିକସ ଲଗାଯାଇଛି। ତେଣୁ ଭାରତୀୟ ନିର୍ମାତାମାନଙ୍କୁ ଜାପାନ ଓ କୋରିଆର ରପ୍ତାନିକାରୀଙ୍କ ସହ ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପଡ଼ିବ, ଯାହା ସହଜ ନୁହେଁ। ଜାପାନ ଓ କୋରିଆ ଉପରେ ଆମେରିକା ୨୫% ଶୁଳ୍କ ଲଗାଇଛି। ତେବେ ଆଲୋଚନା ଜରିଆରେ ଭାରତ ଏହି ଶୁଳ୍କ କମ୍ କରିପାରିବ ବୋଲି ସେ କହିଛନ୍ତି। କାରଣ ପୂର୍ବରୁ ଚୀନ୍ ଓ ଜାପାନ ସହ ସେଭଳି ଘଟିଛି। ଭାରତୀୟ ରପ୍ତାନିକାରୀ ସଂଗଠନ ମହାସଂଘ (ଏଫ୍‌ଆଇଇଓ)ର ପୂର୍ବତନ ସଭାପତି ଶରଦ କୁମାର ସରାଫ କହିଛନ୍ତି ଯେ ଟ୍ରମ୍ପଙ୍କୁ ପ୍ରଥମ ଶୁଳ୍କ ସମ୍ପର୍କରେ ସ୍ୱଷ୍ଟ ଚିତ୍ର ଦେବାକୁ ହେବ।

ଫଳରେ ରପ୍ତାନିକାରୀମାନେ ସେହି ଅନୁସାରେ ରଣନୀତି ପ୍ରସ୍ତୁତ କରିପାରିବେ। ଭାରତ ଉପରେ ଯେଉଁ ଅତିରିକ୍ତ ଜରିମାନା ଲଗାଯାଇଛି, ତାହାର ଚିତ୍ର ସ୍ୱଷ୍ଟ ନାହିଁ। ଭାରତ ପାଇଁ ଶୁଳ୍କ ବଡ଼ ସମସ୍ୟା ନୁହେଁ। ସବୁଠୁ ବଡ଼ ସମସ୍ୟା ହେଉଛି, ଏହା ଯେଉଁ ଦେଶଗୁଡ଼ିକ ସହ ରପ୍ତାନି ବଜାରରେ ପ୍ରତିଦ୍ୱନ୍ଦ୍ୱିତା କରୁଛି, ସେମାନଙ୍କ ଉପରେ ଆମେରିକା କେତେ ଶୁଳ୍କ ଲଗାଉଛି। ଯଦି ଭାରତ ଉପରେ ଶୁଳ୍କ ଅଧିକ ରହିବ, ତେବେ ତାହା ହେବ ପ୍ରକୃତ ସମସ୍ୟା ବୋଲି ସେ କହିଛନ୍ତି। ୨୦୨୪ରେ ଭାରତ ଓ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ପରିମାଣ ୧୨୯୨୦ କୋଟି ଡଲାର ଥିଲା। ଆମେରିକାକୁ ଭାରତ ୮୭୪୦ କୋଟି ଡଲାରର ଜିନିଷ ପଠାଇଥିଲା। ଆମେରିକା କିନ୍ତୁ ତା'ଠାରୁ କମ୍ ୪୧୮୦ କୋଟି ଡଲାରର ଜିନିଷ ଭାରତକୁ ପଠାଇଥିଲା। ଭାରତ ସରକାରଙ୍କ ଚଡ଼ା ଶୁଳ୍କ ଲାଗି ଆମେରିକୀୟ କମ୍ପାନିଗୁଡ଼ିକ ବ୍ୟବସାୟ ପ୍ରତିଦ୍ୱନ୍ଦ୍ୱିତାରେ ତିଷ୍ଠି ପାରୁନଥିବା ଟ୍ରମ୍ପ ଅଭିଯୋଗ କରିଛନ୍ତି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ତୃତୀୟ ଅଧ୍ୟାୟ

ମଜାରେ ମଜାରେ କାମ କର ନାହିଁ
ଭବିଷ୍ୟତ ଭାଗ୍ୟ ଡୋରି
ମଜାରେ ମଜାରେ କାମ କର ନାହିଁ
ଅତୀତର ଭାବତରୀ। (୧)

ମନ୍ଦ ଉଦ୍ଦେଶ୍ୟରେ କର୍ମ କର ନାହିଁ
ମହତ ଯିବ ଫୁସୁରି
ମହାକାଳ ପରି ମନ୍ଦ ଯେ ସୁନ୍ଦରୀ
ମୁହୂର୍ତ୍ତେ ଯାଏ ପାସୋରି। (୨)

ମନ ଟଳମଳ ହୋଇବ ସବୁରି
ଲୋଭ ମୋହ ମାୟା ଧରି
ମମତା ଫାସରେ କାଳ ହସ୍ତେ ଡୋରି
ଏହିତ କାଳିର ତରୀ । (୩)

ମହାପାପ କରି ହୃଦୟରେ ଭରି
ଦେଖାଉଥିବେ ଚତୁରୀ
ମହାକାଳ କିନ୍ତୁ ନେବରେ ଘୋଷାରି
ବଡପଣ ଯିବ ସରି । (୪)

ମନ ସଫାକର ବସିବେରେ ହରି
ମନ ତ ଗୁରୁ ତୁମ୍ଭରି
ମନ ଆସନ ତ ଶ୍ରୀ ଅନନ୍ତ ହରି
ମନକୁ ରଖ ବିଚାରି। (୫)

ମନ ଥୟ ଯାର ଜୟ ତ ତାହାରି
କାଳ ଫାସ ଥାଏ ଡରି
ମନକୁ ଅମନେ ଯିଏ ଦିଏ ଭରି
ମାୟା ତାକୁ ଥାଏ ଡରି। (୬)

ମନଟି ମ କାର ମହେଶ୍ୱର ଧରି
ଓଁ କାର ଲୟ ତାଙ୍କରି
ମରଣକୁ ଜିଣି ଭବ ଭୟ ହାରି
ଶ୍ମଶାନ ନେଲେ ଆଦରି। (୭)

ମଦ, ମାଂସ, ନାରୀ ତ୍ରିଶୂଳକୁ ଧରି
କଳି ବୁଲେ ଘିରି ଘିରି
ମମତା ଲଗାଇ ମୋହ ଫାସେ ଭରି
କରି ଦିଏ ହତଶିରୀ। (୮)

ମତୁଆଲା ପରି ମନ ତ ସବୁରି
ମୁରବି ନାହିଁ କାହାରି
ମନ ପଞ୍ଜୁରିରେ ପାଳନ୍ତି ମଞ୍ଜାରୀ
ମୁଖେ କହୁଥାନ୍ତି ହରି । (୯)

ମର୍କତ ପରାୟେ ଭାବନା ସବୁରି
ଭକତି ନାହିଁ କାହାରି
ମନରେ ପୁରିଛି ମଇଳାରେ ଭାରି
କେ କାହିଁ ଚିହ୍ନିବ ହରି । (୧୦)

(କ୍ରମଶଃ)



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

# ବଧୂ ବିଦେଶିନୀ-୩୩

## କଳିଙ୍ଗ ଓ ଯବଦେଶ (ଜାଭା) ବିଷୟକ ଇତିହାସ ଓ କଳ୍ପନା ମିଶ୍ରିତ ଉପନ୍ୟାସ

## ୪୬. ମୋ ସହ ତର୍କପାଇଁ କୁଳଗୁରୁଙ୍କ ସ୍ୱୀକୃତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

ନିର୍ଦ୍ଧାରିତ ସଂଧ୍ୟା ଉପନୀତ ହେଲା। ଉଦୟନ ତାଙ୍କ ପିତାମାତାଙ୍କ ସହ କୁଳଗୁରୁଙ୍କ ଗୃହକୁ ଆମ୍ଭ ବିବାହ ବିଷୟକ ନିଷ୍ପତ୍ତି ନେବାପାଇଁ ଗଲେ। ପୂର୍ବରୁ ଗୁରୁମାତା ଚାରୁଶୀଳା ଦେବୀ କୁଳଗୁରୁ ଶମ୍ଭୁନାଥଙ୍କୁ ଏ ବିଷୟ ବିଶଦଭାବେ ଅବଗତ କରାଇଥିଲେ ଓ ଦୃଢ଼ ନାସ୍ତି ବଚନ ତାଙ୍କଠାରୁ ଶୁଣିଥିଲେ। ଆମ୍ଭେ ଯିବା ପରେ ଆମ୍ଭେ ପାଞ୍ଚ ଜଣ ବାର୍ତ୍ତାଳାପ ଆରମ୍ଭ କଲୁ।

ପ୍ରାରମ୍ଭରେ ପଣ୍ଡିତ ଶମ୍ଭୁନାଥ କହିଲେ, "ମୁଁ ସମସ୍ତ ଶୁଣିଛି। ଏ କାର୍ଯ୍ୟ ଆମ୍ଭ ପରମ୍ପରା ଓ ଧର୍ମ ବିରୋଧୀ ଅଟେ। ତେଣୁ ବିବାହ କୌଣସିମତେ ସ୍ୱୀକାର୍ଯ୍ୟ ନୁହେଁ।" ତା'ପରେ ତର୍କ ଆରମ୍ଭ ହେଲା ମୁଖ୍ୟତଃ କୁଳଗୁରୁ ଓ ଗୁରୁମାତାଙ୍କ ମଧ୍ୟରେ। ଉଦୟନଙ୍କ ପିତା ଓ ଉଦୟନ ମୌନ ରହି ଶୁଣିଲେ। ଉଦୟନଙ୍କ ମାତା ସ୍ୱଳ୍ପ ପରିମାଣରେ ଭାଗ ନେଉଥିଲେ।

ପ୍ରାରମ୍ଭରେ ଉଦୟନଙ୍କ ସନ୍ୟାସ ନେବା ବିଷୟକ ଶପଥ ଉପରେ ଆଲୋଚନା ଆରମ୍ଭ ହେଲା। ଗୁରୁମାତା କୁଳଗୁରୁଙ୍କୁ କହିଲେ, "ତୁମେ ଉଦୟନକୁ ବାଲୁତ କାଳରେ ବିବାହ ନ କରି ସନ୍ୟାସ ନେବାପାଇଁ ଶପଥ କରାଇଥିଲ। ବର୍ତ୍ତମାନ ସେ କିଶୋର ଅବସ୍ଥାରେ ଓ ନିଜେ ବିବାହ କରି ଧର୍ମାଚରଣ କରିବାପାଇଁ ଇଚ୍ଛୁକ।" ତା'ପରେ କୁଳଗୁରୁ ଓ ଗୁରୁମାତାଙ୍କ ମଧ୍ୟରେ ଏକ କ୍ଷୁଦ୍ର ଆଲୋଚନା ହେଲା। ଶେଷରେ କୁଳଗୁରୁ କହିଲେ, "ତୁମ କଥା ହେଉ। କିନ୍ତୁ ଏ ନିଜ ଜାତିରେ ବିବାହ କରୁ।" ଶୁଣି ସମସ୍ତେ ଆନନ୍ଦିତ ହେଲେ। ଉଦୟନଙ୍କ ତା'ପରେ ମୋ ସହ ବିବାହ ବିଷୟ ଆଲୋଚନାକୁ ଆସିଲା। ସେ ସମୟରେ ଯାହାସବୁ ଘଟିଲା ତାକୁ ଗୀତ ଆକାରରେ ମୁଁ ନବାକ୍ଷରୀ ବୃତ୍ତରେ ନିମ୍ନମତେ ଲେଖିଅଛି। କିଛି ଅଂଶ ଉଦ୍ଧାର କରୁଅଛି।

....

ଏକ ପକ୍ଷରେ ଦୁଇମାତ — ବିରୋଧୀ ପକ୍ଷେ ଶମ୍ଭୁନାଥ ॥୧୮॥
ଗୁରୁମାତାଙ୍କ ନେତୃତ୍ୱରେ — ତର୍କ ଆରମ୍ଭ ଦୃତଧୀରେ ॥୧୯॥
କମ୍ପିଲା ଗୃହ ଚଉପାଶ — ଯେପରି ଆସିଛି ବତାସ ॥୨୦॥
ଅନୁକମ୍ପା ତର୍କ ତୋଷଣ — ହେଲା ସର୍ବ ଅସ୍ତ୍ର କ୍ଷେପଣ ॥୨୧॥
ପରନ୍ତୁ ଗୁରୁ ଯେ ନିଶ୍ଚଳ — ସକଳ ପ୍ରୟୋଗ ବିଫଳ ॥୨୨॥
କେବଳ ବିଳମ୍ବେ ମାନିଲେ — ବାଲ୍ୟ ଶପଥ ବିଷୟରେ ॥୨୩॥
ଉଦୟନ ଯେ କ୍ଷମଣୀୟ — ତେଣୁ ତା' ନୁହେଁ ଅନ୍ତରାୟ ॥୨୪॥
ଏହି ସ୍ଥିତିରେ ଗୁରୁମାତ — ଉଦୟନେ ଦେଲେ ଇଙ୍ଗିତ ॥୨୫॥
କହି ଚାଲିଲେ ଉଦୟନ — ପାଇ ମାତାଙ୍କ ସମର୍ଥନ ॥୨୬॥
ହେ ଗୁରୁ ଶୁଣ କଥା ମୋର — କରେ ମାଗୁଣି ଯୋଡ଼ି କର ॥୨୭॥
ଗୁରୁଙ୍କ ଆଜ୍ଞା ସଦାମାନ୍ୟ — କିପରି କରିବି ଅମାନ୍ୟ ॥୨୮॥
ରାଜକୁମାରୀ କଲ୍ଲୋଳିନୀ — ସର୍ବ ଗୁଣରେ ତେଜସ୍ୱିନୀ ॥୨୯॥
ଯେବେ ସେ କଲା ନିବେଦନ — କରି ନ ଥିଲି ତା' ଗ୍ରହଣ ॥୩୦॥
କିନ୍ତୁ ଶୁଣିଣ ତା'ର ଉକ୍ତି — ବିଚଳିତ ମୋ ମନୋସ୍ଥିତି ॥୩୧॥
କିଂ କର୍ତ୍ତବ୍ୟ ବିମୂଢ଼ ହେଲି — ତୁମ୍ଭର ଶରଣ ପଶିଲି ॥୩୨॥
ଦିଅ ଏ ବିବାହେ ସମ୍ମତି — ଅଥବା ଶୁଣ ତା'ର ଯୁକ୍ତି ॥୩୩॥
ତର୍କେ କର ତାକୁ ପରାସ୍ତ — ହେଉ ସେ ଏ ପଥୁ ବିଚ୍ୟୁତ ॥୩୪॥
ସଂଶୟ ତା' ମନେ ନ ରହୁ — ଆନନ୍ଦେ ସ୍ୱଦେଶକୁ ଯାଉ ॥୩୫॥
ହେବି ମୁଁ ବନ୍ଧନୁ ମୁକତ — ବଞ୍ଚିବି ନେଇ ଭଗ୍ନ ହୃଦ ॥୩୬॥
ଏତିକି ମୋତେ ଦୟାକର — ହେ ନମସ୍ୟ ଗୁରୁ ପ୍ରବର ॥୩୭॥
ଯଦି କରିବ ମୋତେ ବାଧ — ତୁମ୍ଭ ନିଷ୍ପତ୍ତି ଶିରୋଧାର୍ଯ୍ୟ ॥୩୮॥
ହୃଦେ ସେ ମୋତେ ଦେଲା ସ୍ଥାନ — ସ୍ୱାମୀ ରୂପେ କରି ବରଣ ॥୩୯॥
ହେଲେ ମୋ ଦ୍ୱାରା ପରିତ୍ୟକ୍ତା — କରିପାରେ ସେ ଆତ୍ମହତ୍ୟା ॥୪୦॥
ନାରୀହତ୍ୟା ଦୋଷ ଲାଗିବ — ଜୀବନ ମୋ ନରକ ହେବ ॥୪୧॥
ଥିଲେ ପ୍ରସ୍ତୁତ ଦୁଇ ମାତ — ଆସିବାକୁ ଏହି ମୁହୂର୍ତ୍ତ ॥୪୨॥
ହେଲେ ସେମାନେ ଲମ୍ଫମାନ — ସିଂହିଣୀ କରଇ ଯେସନ ॥୪୩॥
ଆକ୍ରମଣରେ ପାରଙ୍ଗତା — ଅବଳା ନୁହଁଇ ବନୀତା ॥୪୪॥
ବୋଲିଲେ ହେ ଗୁରୁ ମହାନ୍ — ତୁମେ ସମାନ ଭଗବାନ ॥୪୫॥
ଶିଷ୍ୟକୁ ଠେଲି ସମସ୍ୟାରେ — କି ଯଶ ଲଭିବ ସଂସାରେ ॥୪୬॥
ତେଣୁ ହିଁ ନାହିଁ ଅନ୍ୟଗତି — ତର୍କ ପାଇଁ ଦିଅ ସମ୍ମତି ॥୪୭॥
ଶୁଣି ଶମ୍ଭୁନାଥ ଗମ୍ଭୀର — କରିଲେ ପୁନଶ୍ଚ ବିଚାର ॥୪୮॥
ଘୋଷଣା କଲେ ତର୍କ ହେବ — ଗିରି ଲଳିତେ ମିଳି ସର୍ବ ॥୪୯॥
ସକଳେ ହେଲେ ଆନନ୍ଦିତ — ସଭା ହୋଇଲା ସମାପତ ॥୫୦॥

....

[**ଶବ୍ଦାର୍ଥ : ବାର୍ତ୍ତା**-ଖବର, ସମ୍ବାଦ। **ନାସ୍ତିବାଣୀ**-ନାହିଁ କହିବା। **ଉକ୍ତି**- କହିବା କଥା, ବଚନ। **ବତାଶ**-ଝଡ, ବାତ୍ୟା। **ଅନୁକମ୍ପା**-ଦୟା। **ତର୍କ**-ଯୁକ୍ତି। **ତୋଷଣ**- ଖୁସି କରାଇବା। **ବାଲ୍ୟ ଶପଥ**- ଉଦୟନ ପିଲାଦିନେ ଶପଥ କରିଥିଲେ ଯେ ସେ ବିବାହ ନ କରି ସନ୍ୟାସ ନେବେ। **କ୍ଷମଣୀୟ**-କ୍ଷମା ପାଇବା ଯୋଗ୍ୟ। **ଅନ୍ତରାୟ**-ବାଧା, ପ୍ରତିବନ୍ଧକ। **କରେ**-କରୁଅଛି। **ଯୋଡିକର**-ହାତ ଯୋଡିବା। **ଅଥବା**-ନଚେତ୍। **ଏ ପଥୁ**-ଏହି ପ୍ରେମ ପଥରୁ। **ବିଚ୍ୟୁତ**-ଅଲଗା। **ସଂଶୟ**-ସନ୍ଦେହ। **ମୁକତ**-ମୁକ୍ତ। **ପ୍ରବର**-ଶ୍ରେଷ୍ଠ। **ପରିତ୍ୟକ୍ତା**-ଛାଡିଦେବା। **ନରକ**-ନର୍କ। **ଲମ୍ଫମାନ**-ଯୋର୍‌ରେ ଡେଇଁ ପଡିବା। **ପାରଂଗତା**-ନିପୁଣା, ଦକ୍ଷ। **ଅବଳା**-ବଳହୀନ। **ବନୀତା**-ନାରୀ। **ଗିରି ଲଳିତେ**-ଲଳିତ ଗିରିରେ।]

(ଲେଖକଙ୍କ "କାବ୍ୟ କଲ୍ଲୋଳିନୀରୁ ଉଦ୍ଧୃତ")

ଉପରୋକ୍ତ ଗୀତରୁ କୁଳଗୁରୁଙ୍କୁ ମୋ ଓ ଉଦୟନଙ୍କ ବିବାହପାଇଁ ସମ୍ମତି କରାଇବାପାଇଁ ଗୁରୁମାତା ଯେଉଁ ସବୁ ପ୍ରଚେଷ୍ଟା କଲେ ତାହା ସଂକ୍ଷିପ୍ତରେ ସୂଚାଇ ଦିଆଯାଇଛି। ତାଙ୍କ ଯୁକ୍ତିପରେ କୁଳଗୁରୁ ଉଦୟନଙ୍କୁ ସନ୍ୟାସ ଜୀବନ ବିତାଇବାପାଇଁ ବାଲ୍ୟକାଳରେ ଦେଇଥିବା ଶପଥରୁ ମୁକ୍ତ କରିଦେଲେ। କିନ୍ତୁ ଆମ୍ଭ ଦ୍ୱୟଙ୍କ ବିବାହରେ ସେ ଅସମ୍ମତି ପ୍ରକାଶ କଲେ। ଏ ଅବସ୍ଥା ଦେଖି ଇଂଗିତ ଦେଇ ଗୁରୁମାତା ଉଦୟନଙ୍କୁ କଥାବାର୍ତ୍ତା ମଧ୍ୟକୁ ଆଣିଲେ। ଫଳତଃ ଗୁରୁମାତା ଆଦି ପୂର୍ବରୁ କହିଥିବା ଅନୁସାରେ ଉଦୟନ କୁଳଗୁରୁଙ୍କୁ ନିଜର ଦୟନୀୟ ଅବସ୍ଥା ବିନମ୍ର ସହକାରେ ଉପସ୍ଥାପନ କରିବାର ସୁଯୋଗ ମିଳିଲା। ଏହା ବହୁତ ପ୍ରଭାବଶାଳୀ ଥିଲା। ଉଦୟନଙ୍କ ଏହି ଉକ୍ତିକୁ ଧରିବସି ଗୁରୁମାତା କୁଳଗୁରୁଙ୍କ ବିବେକ ଉଦୟ ଦୃଢଭାବରେ କରିଲେ। ଫଳତଃ ଏ ବିବାହକୁ ନ ମାନିଲେ ମଧ୍ୟ କୁଳଗୁରୁ ମୋ ସହ ତର୍କ କରିବାକୁ ସମ୍ମତି ଦେଲେ। ଏ ଥିଲା ଆମ୍ଭ ପକ୍ଷର ଅର୍ଦ୍ଧ ବିଜୟ।

ଉଲ୍ଲସିତ ହୋଇ ଗୁରୁମାତା ପଣ୍ଡିତ ଶମ୍ଭୁନାଥଙ୍କୁ ଆଭାର ପ୍ରକଟ କରି କହିଲେ, "ତୁମ୍ଭେ ମୋ କଥା ରଖି ସେ କନ୍ୟା ସହ ତର୍କ କରିବାପାଇଁ ସ୍ୱୀକୃତି ତ ଦେଲ, ଏବେ ଆଉ ଏକ ଅନୁରୋଧ ରକ୍ଷାକର।" କୁଳଗୁରୁ ସ୍ମିତହସି କହିଲେ, "କୁହ" ! ଗୁରୁମାତା କହିଲେ, " ଏ ତର୍କ ଶୁଣିବାପାଇଁ ମୁଁ ଓ ପ୍ରିୟମ୍ବଦା ଅତି ବ୍ୟାକୁଳ। ଆମ୍ଭଙ୍କୁ ତୁମ୍ଭ ସହିତ ନେଇଯାଅ।" ଗୁରୁ ଏଥିରେ ସମ୍ମତି ପ୍ରଦାନ କଲେ ଓ କହିଲେ, "ଏକ ସପ୍ତାହ ପରବର୍ତ୍ତୀ କୌଣସି ଏକ ଦିନ ଧାର୍ଯ୍ୟପାଇଁ ମୁଁ ଉଦୟନକୁ ସୂଚୀତ କରିଦେବି।"

ଏ ସବୁ ପରେ ଗୁରୁମାତା ପୁଣି ସହାସ୍ୟ ବଦନରେ କୁଳଗୁରୁଙ୍କୁ କହିଲେ, "ଆଉ ଏକ କଥା କହୁଛି ଯାହା କି ମୋ ଜ୍ଞାନ ଚକ୍ଷୁକୁ ଦେଖାଯାଉଛି। ଖାଲି ଶୁଣ। ଯାହା କରିବା କଥା ତୁମ ଉପରେ।" ଗୁରୁ 'କୁହ' କହିବାରୁ ମାତା ବଖାଣିଲେ, "ଏ ତର୍କ ପରେ ତୁମେ ଦୁଇ ପଣ୍ଡିତ ନିଶ୍ଚୟ ପରାସ୍ତ ହେବ। ଏହି ପରାସ୍ତ ହିଁ ତୁମ୍ଭର ବିଜୟ ହେବ। ସେ ମହାପଣ୍ଡିତା ସର୍ବଗୁଣସମ୍ପନ୍ନା ରାଜକନ୍ୟାର ସମସ୍ତ ଗୁଣର ମୁଁ ପ୍ରତ୍ୟକ୍ଷଦର୍ଶୀ ଅଟେ। ତେଣୁ ପୁନଃ କହୁଛି ଯେ ତୁମ୍ଭେ ଦୁହେଁ କେବଳ ସେ କନ୍ୟାକୁ ତୁମର ଶିଷ୍ୟର ବଧୂ ରୂପେ ସ୍ୱୀକାର କରିବ ନାହିଁ, ତାହାଠାରୁ ଅଧିକ କିଛି କରିବସିବ।" କୁଳଗୁରୁ ଆଶ୍ଚର୍ଯ୍ୟ ପ୍ରକାଶ କରି କହିଲେ, "ତୁମ୍ଭେ କିପରି ପ୍ରତ୍ୟକ୍ଷଭାବେ ଏ ସବୁ ଜାଣିଲ ଓ ପରେ ଆଉ ଅଧିକ କ'ଣ ହେବ ତାହା ଆମ୍ଭକୁ ବିସ୍ତାର ଭାବେ ବୁଝାଅ।" ମାତା ଚାରୁଶୀଳା ଦେବୀ, ପୁଣି ହସି ଉତ୍ତର ଦେଲେ, "ବ୍ୟଗ୍ର ବ୍ୟସ୍ତ କାହିଁକି ହେଉଛ ? ତର୍କ କାଳପାଇଁ ଏକ ସପ୍ତାହ ସମୟ ତ ଅଛି। ଘରେ ଏ ସବୁ ସମୟ ଦେଖି ତୁମ୍ଭକୁ ଜ୍ଞାତ କରାଇଦେବି। ବର୍ତ୍ତମାନ ଏ ବାର୍ତ୍ତାଳାପ ସମାପ୍ତ କରାଯାଉ।" କୁଳଗୁରୁ ହସି କରି ପଣ୍ଡିତ ଦେବାୟନଙ୍କୁ ଭିତର ଗୃହରେ ଅନ୍ୟ କିଛି କଥା ହେବାପାଇଁ ନେଇକରି ଚାଲିଗଲେ।

ମାତାପୁତ୍ର ସ୍ୱଗୃହ ଯିବାପାଇଁ ବାହାରିଲାରୁ ଗୁରୁମାତା ଉଦୟନଙ୍କୁ କହିଲେ, "ପୁତ୍ର, ତୁ କାଲି ଲଳିତଗିରି ଯାଇ ସମସ୍ତ ଆୟୋଜନ କର। ନିଶ୍ଚିନ୍ତ ରହ। ତୋର ଦୁଇ ମାତାଙ୍କ ଆଶୀର୍ବାଦ ତୋ ମସ୍ତକରେ ସର୍ବଦା ରହିଅଛି।" ପୁଣି ଉଦୟନଙ୍କ ମାତାଙ୍କୁ କହିଲେ, "ପ୍ରିୟମ୍ବଦା, ବର୍ତ୍ତମାନ ଆମ ଦୁହିଁଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଆସିଗଲା। ଆମେ ନିଜ ନିଜ ପତିଙ୍କୁ ବାରମ୍ବାର ରାଜକନ୍ୟାର ପ୍ରଶଂସା କରି, ଉଭୟଙ୍କ ଦୁଃଖ ଲାଘବ କରିବାପାଇଁ ସେମାନଙ୍କୁ ପ୍ରବର୍ତ୍ତାଇବାକୁ ହେବ। ଏପରି ସେମାନଙ୍କ ମସ୍ତିଷ୍କ ବିଶୋଧନ କରିବାକୁ ହେବ ଯେପରି କି ସେମାନେ ସ୍ଥାନୀୟ ରୂଢ଼ିବାଦୀ ଚିନ୍ତାଧାରାରୁ ମୁକ୍ତ ହୋଇ ଶାସ୍ତ୍ର ନିର୍ଦ୍ଦେଶ ପାଳନ କରିବେ। କିପରି କରିବାକୁ ହେବ ତୁ ଜାଣୁ। ନାରୀର ଶକ୍ତିକୁ କେବେ ନ୍ୟୂନ ମନେ କରିବୁ ନାହିଁ।" ମାତାପୁତ୍ର ସମ୍ମତି ଦେଇ ଗୃହ ପ୍ରତ୍ୟାବର୍ତ୍ତନ କଲେ।

ଉଭୟମାତା ଏ କାର୍ଯ୍ୟରେ ମନୋନିବେଶ କରି କାର୍ଯ୍ୟ କରିବାରେ ଅବହେଳା କଲେ ନାହିଁ। ଏ ନିଷ୍ପତ୍ତିର ପରଦିନ ଗୁରୁମାତା କୁଳଗୁରୁଙ୍କ ସହ ବସି ବାର୍ତ୍ତାଳାପ କରୁଥିଲେ, ହଠାତ୍ କୁଳଗୁରୁ ଶମ୍ଭୁନାଥ ବିଷୟବସ୍ତୁ ପରିବର୍ତ୍ତନ କରି ଗୁରୁମାତାଙ୍କୁ ପଚାରିଲେ, "ତୁମ୍ଭେ ସେଦିନ ମୋର ଦୁଇ ପ୍ରଶ୍ନର ଉତ୍ତର ପରେ ଦେବବୋଲି କହୁଥିଲ, ତାହା ମୋତେ ଜଣାଅ।" ମାତା "ଅପେକ୍ଷା କର" ବୋଲି କହି ଉଠିକରି ଘର ମଧ୍ୟକୁ ଗଲେ ଓ ମୋର ଉଦୟନଙ୍କୁ ଲିଖିତ ତୃତୀୟ ପତ୍ରଟି ଆଣି ଆସିଲେ। ଗୁରୁଙ୍କୁ କହିଲେ, "ନିଅ ! ଏଇଟିକୁ ପଢ! ତୁମର ଉତ୍ତର ମିଳିଯିବ।" ମନଯୋଗ ଦେଇ କୁଳଗୁରୁ ପତ୍ରଟି ପଢି ଚକିତ ହୋଇ ମାତାଙ୍କୁ କହିଲେ, "ତୁମ୍ଭେ ଯାହା କହୁଥିଲ ସତ୍ୟ ଅଟେ। ଏ ପତ୍ର ରାଜକୁମାରୀର ଗରିମା ବ୍ୟାଖ୍ୟାନ କରୁଅଛି।" ତତ୍‌କ୍ଷଣାତ୍ ଗୁରୁମାତା କହିଲେ, " ଏହା ସତ୍ତ୍ୱେ ତୁମ୍ଭେ ଏ ହୀରାଖଣ୍ଡକୁ ହାତଛଡା କରିବାକୁ ବସିଅଛ।"

ଗୁରୁ ହସିକରି ପୁଣି ପଚାରିଲେ, "ସେ ପତ୍ରରେ ଯେଉଁ ଦୁଇ କନ୍ୟାଙ୍କ କଥା ଲେଖାଅଛି, ଦ୍ୱିତୀୟଟି କିଏ ?" ଗୁରୁମାତା କହିଲେ, "ସେ ହେଉଛି ରାଜକୁମାରୀର ସହପାଠିନୀ ଯବଦେଶର ସେନାପତିଙ୍କ କନ୍ୟା ସୁହାସିନୀ। କୌଣସି ଗୁଣରେ କଲ୍ଲୋଳିନୀଠାରୁ ନ୍ୟୂନ ନୁହେଁ। ହୀରା ଖଣ୍ଡେ।" ଗୁରୁ ହସିଲେ ଓ ପୁଣି ପଚାରିଲେ ମୋର ଦ୍ୱିତୀୟ ପ୍ରଶ୍ନର ଉତ୍ତର ତ ଦେଲ ନାହିଁ। ମାତା କହିଲେ, "ତା'ର ଉତ୍ତର ହେଉଛି ସେହି ସୁହାସିନୀ।" ପଣ୍ଡିତ ଶମ୍ଭୁନାଥ ଆଶ୍ଚର୍ଯ୍ୟ ପ୍ରକଟ କରି କହିଲେ, "ସ୍ପଷ୍ଟ କରି କୁହ। ମୁଁ ବୁଝିପାରୁନାହିଁ।" ଚାରୁଶୀଳା ଦେବୀ ସ୍ନେହରେ କହିଲେ, "ଆହେ, ତୁମର ଗୋଟିଏ ଯୋଗ୍ୟପୁତ୍ର ଅଛି। ତୁମ୍ଭେ ବୁଝିପାରୁ ନାହଁ କ'ଣ? ଏ ହୀରାଟାକୁ ଘରକୁ ଆଣିବାପାଇଁ ପ୍ରଚେଷ୍ଟା କରିବ ନାହିଁ ?" ଗୁରୁ ଚିନ୍ତା ପ୍ରଦର୍ଶନ କରି କହିଲେ, "ତୁମେ ମୋତେ ଭୀଷଣ ଦ୍ୱନ୍ଦ୍ୱରେ ପକାଇ ଦେଉଛ ?" ମାତା ସ୍ମିତହସି କହିଲେ, "ମୁଁ କହିବା କଥା କହିଦେଲି। ତୁମ୍ଭେ ପଣ୍ଡିତ, ଜ୍ଞାନୀ ଓ ବୁଦ୍ଧିମାନ୍। ଯାହା କରୁଛ କର।"

ଏପରି କହିଦେଇ ମନେମନେ ଗୁରୁମାତା ଏକ ଗଡ ଜୟ କଲାପରି ମନେ କରୁଥିଲେ। ଏତାଦୃଶ ଦୁଇ ପଣ୍ଡିତଙ୍କ ମସ୍ତିଷ୍କ ବିଶୋଧନ କାର୍ଯ୍ୟ କରି ସେମାନଙ୍କୁ ରକ୍ଷଣଶୀଳତାରୁ ନିବୃତ୍ତି ଦେବାକୁ ଦୁଇ ପଣ୍ଡିତପତ୍ନୀ ଅହରହ ଚେଷ୍ଟିତ ହେଉ ହେଉ ଲଳିତଗିରିକୁ ଯିବା ସମୟ ଆସିଗଲା। ସେମାନଙ୍କ ଉଦ୍ୟମ କେତେ ପରିମାଣରେ ଫଳପ୍ରଦ ହେବ, ତାହା ଦେଖିବାକୁ ରହିଲା।

(କ୍ରମଶଃ)



ମାୟାଧର ନାୟକ
ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୬୧୩

# ମଣିଷର ଦୁଃଖ

ସମଗ୍ର ବିଶ୍ୱର ଦେଶେଦେଶେ ବହୁ ମହାମନୀଷୀ ନିଜନିଜ ସମୟର ତଳିତଳାନ୍ତ ମାନବସମାଜ ପାଇଁ କାର୍ଯ୍ୟ କରିଯାଇଛନ୍ତି। ବିବ୍ରତ ନହୋଇ ସେ ପ୍ରତ୍ୟେକ ହୋଇଉଠିଛନ୍ତି ଏକ ମହାନ୍ ଜୀବନର ଜାଗରଣ ଉଦ୍ଦେଶ୍ୟରେ ଜଣେ ଜଣେ ଯଥାର୍ଥ ବ୍ରତମନସ୍କ ପଥଚାରୀ। କେହି ଜୀବନକୁ ବାଜି ଲଗାଇଦେଇ ମରଣ ସହିତ ମୁକାବିଲା କରିଛନ୍ତି, କେହି ହସିହସି ବିଷର ପିଆଲା ଟୋକିନେଇଛନ୍ତି ମୁହଁ ପାଖକୁ ଏବଂ ଆଉ କେହିକେହି ଫାଶୀଦଉଡ଼ିରେ ଗଳାଇଦେଇଛନ୍ତି ବେକ। ଶୂଳୀରୁ ଆରମ୍ଭକରି ଗୁଳି - ବନ୍ଧୁକରୁ ଆରମ୍ଭ କରି ବୋମା - କେବେହେଲେ କାହାର ଧମକଚମକ ଧରାଶାୟୀ କରିପାରିନି ସେମାନଙ୍କ ମହାନ୍ ଲକ୍ଷ୍ୟ ଓ ଉତ୍ତୁଙ୍ଗ ଆଦର୍ଶବାଦକୁ। ସେ ସମସ୍ତଙ୍କର ମହାର୍ଘ ମନ୍ତ୍ର-ଉଚ୍ଚାରଣ ହେଉଛି ସାରା ମଣିଷଜାତିର ଦୁନିଆରୁ ଦୁଃଖ ଦୂରୀକରଣ। ମାତ୍ର ସେ ଦୁଃଖ କ'ଣ ଏଯାଏଁ ସରିଛି ?

ଏବେ ବି ମଣିଷ ମନରେ ଦୁଃଖ ଭରି ରହିଛି। ଆନନ୍ଦକୁ ଖୋଜିଖୋଜି ମରୀଚିକା ପଛେପଛେ ଗୋଡେଇଗୋଡେଇ ମରଣଭୟର ମରୁବାଲିରେ, ହତାଶାପଙ୍କରେ ଘାଣ୍ଟି ହେଉଛୁ ଆମେ ସମସ୍ତେ। ଅର୍ଥାଭାବରୁ ଯେତିକି ଦୁଃଖଦୁର୍ଦ୍ଦଶାର ଘଟଣା ଘଟେ, ତା'ଠାରୁ ଅଧିକ ଘଟେ ଭଲ ପାଇବା ଅଭାବରୁ। ବ୍ୟକ୍ତିଗତ ଓ ସାମାଜିକ ସଂପର୍କ ମଣିଷ ନିକଟରେ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ - ତା'ର ବ୍ୟାଙ୍କ୍‌ରେ କେତେ ଅର୍ଥ ଅଛି - ସେଟା ଏତେ ଗୁରୁତ୍ୱପୂର୍ଣ୍ଣ ନୁହେଁ। ଯଦି କିମିଆ କରି କେହି ସଂଗେସଂଗେ ବିଶ୍ୱର ଦାରିଦ୍ର୍ୟ କମେଇଦିଏ, ତା'ହେଲେ ମଣିଷର ଦୁଃଖ ମାତ୍ର ଶତକଡ଼ା ୫ଭାଗ କମିବ ଏବଂ ଆଉ ଯଦି କେହି ବିଷାଦ, ଉଦ୍‌ବେଗରୁ ମଣିଷକୁ ବିଚ୍ଛିନ୍ନ କରିଦିଏ, ତା'ହେଲେ ଦୁଃଖ କମିବ ମାତ୍ର ଶତକଡ଼ା ୨୦ଭାଗ।

ଯେଉଁ ମଣିଷଟି ପ୍ରେମ ନ ପାଇ ଜୀବନ ହରାଇଦିଏ କିଂବା ପ୍ରେମ ପାଇବା ପାଇଁ ସଂପତ୍ତି ହରାଉଛି, ତାକୁ ଦେଖି ଲୋକେ ଭାବନ୍ତି - ଆବେଗର ଅତିଶଯ୍ୟ ଏହାର କ୍ଷତି କଲା ବା ଟଙ୍କାର ଅଭାବରେ କ୍ଷୁଧାର ଜ୍ୱାଳାରେ ମୃତ ମଣିଷର ଦୁଃଖଠାରୁ ଏହି ପ୍ରେମଦଗ୍ଧ ମଣିଷର ଦୁଃଖ ଅଜସ୍ରଗୁଣ ତୀବ୍ରତର ହୋଇସାରିଛି। ସମୀକ୍ଷା କିନ୍ତୁ କହୁଛି - ବାସ୍ତବରେ ସଂପର୍କ ସ୍ପୃହାହିଁ ଅଧିକ ଜୀବନ ନିୟନ୍ତ୍ରକ। ସମୀକ୍ଷା ଏହା ମଧ୍ୟ ଜଣାଇଛି ଯେ ଶିକ୍ଷା ଆୟ କରିବା ଅପେକ୍ଷା ଚମତ୍କାର ଜୀବନସଂଗୀ ସନ୍ଧାନରେ ମଣିଷର ନିକଟତର ହେବା ଅଧିକ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ବର୍ତ୍ତମାନ ଯୁବଛାତ୍ରସମାଜ ମଧ୍ୟରେ ଦ୍ରୁତଗତିରେ ଅପସଂସ୍କୃତି ପ୍ରବେଶ କରି ଭବିଷ୍ୟତ ଜୀବନକୁ ଅନ୍ଧକାରର ଏକ ଅନ୍ଧକୂପ ଆଡ଼େ ଆଗେଇ ନେଉଛି। ବହୁସଂଖ୍ୟାରେ ଦେଖିବାକୁ ମିଳୁଛି ଏପରି ଉଚ୍ଛୃଙ୍ଖଳ ଯୁବକଯୁବତୀମାନଙ୍କୁ - ଯେଉଁମାନେ ପରବର୍ତ୍ତୀ କାଳରେ ଅନୁତାପ କରନ୍ତି ନାହିଁ ଯେ ସେତେବେଳେ ମନଦେଇ ପଢ଼ିଥିଲେ ଆଜି ସଂପନ୍ନ ଗୃହସ୍ଥ ହୋଇଥାନ୍ତୁ - ଶୀଘ୍ର ଶୀଘ୍ର ବାହାହୋଇ ସଂସାର କରି ଏଭଳି ଅନଟନରେ ପଡ଼ିନଥାନ୍ତୁ।

ଆଜିର ଯୁବଛାତ୍ରସମାଜ ମଧ୍ୟରେ ନୈତିକତା, ଆଦର୍ଶ, ସତ୍ୟତାର ଚିହ୍ନବର୍ଣ୍ଣ ଦୁର୍ଲଭ। ଯାଙ୍କି ସଂସ୍କୃତି, ଅପସଂସ୍କୃତିରେ କଣ୍ଠାଗ୍ରତ, ଏବକାର ଅଧିକାଂଶ ଯୁବଛାତ୍ରସମାଜ ଟିଭି ସିନେମା ଦେଖି ହିରୋ-ହିରୋଇନ୍-ଭିଲେନମାନଙ୍କୁ ଅନୁକରଣ କରି ସେଇଭଳି ଅର୍ଦ୍ଧନଗ୍ନ ପୋଷାକ, ଚୁଟିକଟାକୁ ଅନୁକରଣ କରୁଛନ୍ତି। ବିଦେଶୀ ଖାଦ୍ୟ, ଜଙ୍କ ଫୁଡ୍‌କୁ ପ୍ରସାଦ ମନେ କରି ମୁନାଫାଖୋର୍ ବେପାରୀ କମ୍ପାନୀଗୁଡ଼ିକ ଦ୍ୱାରା ରାସାୟନିକ ପ୍ରକ୍ରିୟାରେ ପ୍ରସ୍ତୁତ ଖଟାମିଠାକଡ଼ା ଥଣ୍ଡା ପାନୀୟକୁ ପାଦୁକ ଭଳି ପିଇଯାଉଛନ୍ତି। ପିଲାଠାରୁ ବୁଢ଼ାବୁଢ଼ୀ ପର୍ଯ୍ୟନ୍ତ ଟିଭିରେ ସିନେମା, ସିରିଅଲ୍ ଉପରୁ ଆଖିପତା ଫେରଉ ନାହାନ୍ତି। ମୋବାଇଲ୍ ତ ସବୁବେଳେ କାନରେ; ଆଙ୍ଗୁଠିଯାଇ ସ୍କ୍ରିନ୍ ଟଚ୍‌ରେ। ଏହା ଫଳରେ ଏକେତ ଅଖାଦ୍ୟ ଖାଇ ରୋଗରେ ପଡୁଛନ୍ତି ଏଣେ ଆଖି ଖରାପ ହେଉଛି - ତେଣେ ପକେଟ୍‌କୁ କଣା କରି ଟଙ୍କାପଇସା ପବନରେ ଉଡ଼ିଯାଉଛି - ପୁଣି ରୋଜଗାର ନ ଥିବାରୁ ବାପମା'ଙ୍କୁ ଧମକେଇ ଚମକେଇ ଅର୍ଥ ନେଇଯାଉଛନ୍ତି। ଆଉ କେତେକେ ନିଜନିଜର ପ୍ରେମିକ-ପ୍ରେମିକାଙ୍କ ପର୍ସ ଖାଲିକରି ଦେଉଛନ୍ତି।

ଏସବୁ ଧନଲୋଭୀ ଶିଳ୍ପପତି, କ୍ଷମତାଲୋଭୀ ଶାସକ-ପ୍ରଶାସକଙ୍କ କାରସାଦି। ଯୁବ-ଛାତ୍ରସମାଜ ମୁଣ୍ଡକୁ ଖରାପ ନ କଲେ ତାଙ୍କ ଶାସନ ଚାଲିପାରିବ ନାହିଁ। ସଂପତ୍ତି ସୁରକ୍ଷିତ ରହିବ ନାହିଁ। ଯେଉଁ ଦେଶରେ ଯୁବଛାତ୍ର ସମାଜ ଅନ୍ୟାୟ ଅତ୍ୟାଚାର, ଶୋଷଣ, କଷଣ, ହତ୍ୟା, ରାହାଜାନି, ଅପସଂସ୍କୃତି ବିରୋଧରେ ଖଡ଼୍‌ଗହସ୍ତ ହୁଏନା, ସେ ଦେଶର ଅଦୃଷ୍ଟରେ ଦୁର୍ଭାଗ୍ୟ ହିଁ ପ୍ରଥମ ଓ ଶେଷ ଲେଖା। ସେ ଦେଶ ଅଭାଗା। ଆମର ସବୁ ଥାଇ ଆମେ ହାହୁତାଶରେ ପ୍ରତିଦିନ ବଞ୍ଚି ବି ମରୁଛେ। ଯିଏ ଯେତେବଡ଼ ଧନୀ ହୁଅନ୍ତୁ ପଛେ ମନରେ ସରସ ଭାବ ନାହିଁ। କୋଉ କୋଣରେ ନା କୋଉ କୋଣରେ ଦୁଃଖ, ହତାଶା, ଭୟ ମାଡ଼ି ବସୁଛି। ମଣିଷ-ମଣିଷର ସଂପର୍କ ଆର୍ଥିକ ସାମର୍ଥ୍ୟ ପାଇଁ ନିର୍ଦ୍ଧାରିତ ହୁଏ କି ? ଗୋଟିଏ ଅତି ଆନନ୍ଦମୟ ଦାମ୍ପତ୍ୟ ସଂପର୍କ ଅର୍ଥାଭାବରୁ ଦୂଷିତ ହୋଇଯାଏନା ? ସନ୍ତାନମାନେ କ'ଣ ପିତାମାତାଙ୍କ ଦରିଦ୍ରତା ପାଇଁ ଶତ୍ରୁମନୋଭାବାପନ୍ନ ହୋଇ ପଡ଼ନ୍ତି କି ? ଗୋଟିଏ ସଂପର୍କର ପ୍ରକୃତ ଶ୍ରଦ୍ଧାପ୍ରୀତି ପାଇଁ ଯେଉଁ ପରିମଣ୍ଡଳ ପ୍ରୟୋଜନ - ଅର୍ଥାଭାବରୁ ତାହା ନଷ୍ଟ ହୋଇଯାଉଛି କି ?

ଏବେ ବିଭିନ୍ନ ଖବରରୁ ଜଣାପଡ଼ିଛି ପ୍ରେମ ପାଉ ନାହିଁ ବୋଲି ପ୍ରାଚୁର୍ଯ୍ୟ ଶିଖରରେ ପହଞ୍ଚି ମଧ୍ୟ ମଣିଷ ଆତ୍ମହତ୍ୟା କରୁଛି। ଧନୀଲୋକମାନେ ବରାବର ସଂପତ୍ତିର ପାହାଡ଼ ଉପରେ ବସି ପୁଣି ଧନ ପାଇଁ ବିକଳ ହୁଅନ୍ତି - ନାନା ଉପାୟ, କଳକୌଶଳ, ଷଡ଼ଯନ୍ତ୍ର, ଅନ୍ୟାୟ ଅତ୍ୟାଚାର, କଷଣ ଶୋଷଣ କରି ତାଙ୍କ ଧନସଂପତ୍ତିର ପାହାଡ଼କୁ ସ୍ୱର୍ଗ ପର୍ଯ୍ୟନ୍ତ ଲମ୍ବାଇ ଦେବାକୁ ଇଚ୍ଛା କରି ଶେଷରେ ରୋଗ, ନିରାଶା, ହତାଶାର ହାହୁତାଶନରେ ସ୍ୱର୍ଗଧାମକୁ ଯାତ୍ରା କରନ୍ତି। ସେହି ସଂପତି ତାଙ୍କ ବଂଶ ପରିଜନମାନଙ୍କୁ ଖାଇ ଗୋଡ଼ାଏ। ସଂପର୍କ ଭାଙ୍ଗି ଛିନ୍‌ଛତ୍ର ହୋଇଯାଏ। ଧନଲୋଭ ମଣିଷକୁ ରସାତଳକୁ ଟାଣିନିଏ। ଟଲଷ୍ଟୟଙ୍କ ସେଇ ସ୍ମରଣୀୟ ଗଳ୍ପ 'ମଣିଷ ପାଇଁ କେତେ ଜମି ଲୋଡ଼ା'କୁ ଟିକେ ହେଜନ୍ତୁ। ତେଣୁ ସଂପର୍କ ହିଁ ଏକମାତ୍ର ଅସଲ ସଂପତ୍ତି।

ସଂପର୍କର ସଂକଳ୍ପଟିଏ ଆଜିର ମଣିଷ ପାଇଁ ବିଶ୍ୱଶାନ୍ତିର ବିକଳ୍ପ। ବୃତ୍ତିର ଦାୟ, କୃଷିଭିତ୍ତିକ ସଂସ୍କୃତିର କ୍ରମବିଦାୟ, ଶିଳ୍ପକୈନ୍ଦ୍ରିକ ସଭ୍ୟତାର ଦ୍ରୁତସଂଚାର କେବଳ ଏକାନ୍ନବର୍ତ୍ତୀ ପରିବାରର ପରମ୍ପରାକୁ ମୂଳପୋଛ କରିନାହିଁ, ମଣିଷକୁ ତା' ନିଜଠାରୁ ମଧ୍ୟ ଦୂରେଇ ଆଣିଛି ପୂରାପୂରି। ଆମେ ବିଭିନ୍ନ କ୍ଷେତ୍ରରେ ବ୍ୟକ୍ତି ଦେଖୁଛୁ, ନାଗରିକ ସମାଜ ସହିତ ରାସ୍ତାର ବାଁ ପଟେ ପ୍ରାତଃଭ୍ରମଣ ଓ ସାନ୍ଧ୍ୟଭ୍ରମଣ କରୁଛୁ - ମାତ୍ର ଭଦ୍ରବ୍ୟକ୍ତିମାନଙ୍କ ମଧ୍ୟରେ ମଣିଷଟିଏ ଭେଟିପାରୁନୁ, ଯେମିତି ଭଦ୍ରମହିଳାମାନଙ୍କ ଭିତରେ ଖୋଜି ପାଉନୁ ଅସଲ ନାରୀର ବ୍ୟକ୍ତିତ୍ୱ।

ରାଜପଥରେ ପେଟ ପାଇଁ ପଟୁଆର। ଜନପଥରେ ଜନସମୁଦ୍ରର ଜୁଆର। ମାତ୍ର ଜୀବନପଥ ନିର୍ଜନ। ମଣିଷ ସହିତ ମଣିଷ ସଂପର୍କଶୂନ୍ୟ। ନିଜ ପାଇଁ ଭଲ ଚାହିବାଟା ଯେତେ ବଢୁଛି, ଅନ୍ୟ ଅନେକଙ୍କୁ ଭଲପାଇବାଟି ସେତେ ଛିଡୁଛି। ଆମେ ଅର୍ଥରେ ସମର୍ଥ, ମାତ୍ର ଅନୁରାଗରେ ଅନନ୍ୟୋପାୟ, ଅସହାୟ। ଧନକୁବେରମାନଙ୍କ ଅର୍ଥନୀତିରେ ମନର ମଙ୍ଗଳ ନାହିଁ। ମନ ଯାଇ ବନବାସ କରୁଛି ଅଗମ୍ୟ ଅଞ୍ଚଳରେ, ହୃଦୟ ଅଛି ଅଜ୍ଞାତବାସରେ। ଖୋଜିଲା ମନ ପାଇଁ ଧ୍ୟାନ ଦିଆଯାଉ, ହଜିଲା ହୃଦୟ ପାଇଁ ହୁଲିଆ ଜାରି ହେଉ - ଏହା ହିଁ ଆଜିର ମଣିଷ ପ୍ରତି ସଂପର୍କର ଆହ୍ୱାନ।

ଏଇ ଆମ ଓଡିଶାଭୂଇଁରେ ଅନ୍ଧ, କନ୍ଧ, ଅଥଚ ଚିରନିର୍ଭୀକ ସନ୍ଥକବି ଭୀମ ଭୋଇ କହିଯାଇଛନ୍ତି - "ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ।"

ଏ ମର୍ମବାଣୀ କଣ ଏକ ମହିମ୍ନ ମନ୍ତ୍ରବାଣୀ ନୁହେଁ? ଆମେ କାନ ଥାଇ କାଲ ହେଉଥିବା କେତେ ଦିନ ଆଉ?

ତା'ହେଲେ ଏ ବିଶ୍ୱମାନବସମାଜ ମଧ୍ୟରେ ସମସ୍ତଙ୍କପାଇଁ ଦାନା, କନା, ଦି'ବଖୁରିଆ ଘରର ଧ୍ୱନି ଉଠାଇବା ପରେ ବୃହତ୍ତର ଜୀବନ କ୍ଷେତ୍ରରେ ଶାନ୍ତି, ମୈତ୍ରୀ, ସାମ୍ୟ ପାଇଁ ବିପ୍ଳବର ଜୟଗାନ, ନବମାନବର ମାଙ୍ଗଳିକ ଯାତ୍ରାସଂଗୀତ ଗାଇବ କିଏ? କିଏ ପ୍ରତ୍ୟୁତ୍ତର ଦେବ ନବମାନବସମାଜ ପ୍ରତିଷ୍ଠାପାଇଁ ପ୍ରାଣପଣ ଆହ୍ୱାନର?

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ



# କୋହ

**ପ୍ରଭୁକଲ୍ୟାଣ ମହାପାତ୍ର**

ରାତିର ବହଳ ଅନ୍ଧାର ଯେବେ
ଭିଜୁଥାଏ ଶିଶିର ବିନ୍ଦୁରେ
ନଈର ଉଛୁଳା ଫେନିଳ ଜଳ
ହସୁଥାଏ ରୂପା ଜୋଛନାରେ।

କ୍ଷେତରେ ସୁନାର ଫସଲ ଯେତେ
ଲୋଟୁଥାଏ ଶ୍ରାବଣ ବର୍ଷାରେ
ପକ୍ଷୀଙ୍କ ନିସ୍ତେଜ ତନୁ ଅଳସ
ଭାଙ୍ଗୁଥାଏ କୋମଳ ନିଡରେ।

ସେଇ ନିରବ, ନିଶ୍ଚଳ ରାତିରେ
ତୁମେ ସଖୀ ନଥିଲେ ପାଖରେ
ହୃଦୟ ସିଝେ ବିରହ ଜ୍ୱାଳାରେ
ମନ ଭରେ ଅଜଣା କୋହରେ।

*ବରିଷ୍ଠ ସାମ୍ବାଦିକ ଓ ସ୍ତମ୍ଭକାର*
*ମୋ- ୯୯୩୭୭୧୧୩୮୯*

# ନାରୀ

**ଜଗନ ପାଳ**

ପୁଣ୍ୟଗର୍ଭା ତୁହି ଜଗତ କଲ୍ୟାଣୀ
ସୃଷ୍ଟି ଗାଏ ତୋର ଯଶ
ଧରାଧାତ୍ରୀ ହୋଇ କୋଳେଇ ନେଇଛୁ
ଢାଳି ଦେଇ ତୋ ଆଶିଷ

ଇତିହାସ ସାକ୍ଷୀ ପୁରାଣ ଓ ପୋଥି
ଚାରି ବେଦ ତୋ ପୟରେ
ସ୍ୱୟଂ ସୃଷ୍ଟି କର୍ତ୍ତା ତୋ ଠାରୁ ଲୋ ଜାତ
ପାଳିଛୁ ତୋର କୋଳରେ

ଝିଅ ନାରୀ ବୋହୂ ମା'ଟିଏ ହୋଇ
ଥାଉ ତୁ ସବୁରି ସାଥେ
ଧର୍ମ ରକ୍ଷା ଲାଗି କେତେ ରୂପ ନେଇ
ଆସିଛି ଏ ଧରା ପାଶେ

କଷଣ ଭୋଗିଛୁ ଶୋଷଣ ସହିଛୁ
ଜନମ କାଳରୁ କେତେ
କାଳୀ ହୋଇ ଯେବେ ପାପି ସହଁରିଲୁ
ଧର୍ମ ସଂସ୍ଥାପିଲୁ ସତେ

ଦାନବ ସାଜିଛି ଆଜି ଏ ସୃଷ୍ଟିରେ
ଲୋଭନୀୟ ମଣି ତତେ
ଉପଭୋଗ୍ୟ ଚିନ୍ତି କରେ ଉପହାସ
ବିକଟାଳ ତାର ହସେ

ଧରିଥିଲୁ ଅସ୍ତ୍ର କରିଥିଲୁ ପଣ
ନାଶି ଥିଲୁ ପାପ ଯେତେ
ଆଜି କାହିଁ ତୁ ଲୋ ଦୁର୍ବଳ ମଣୁଛୁ
ନିଜକୁ ନିଜେ ତୁ ଏତେ

ସରିନି ସମର ଶରଣ ପ୍ରମାଣ
ଶଙ୍ଖ ତୂରୀ ଅଛି ବାକି
ବିଜୟର ଟୀକା ନାଇଁବୁ ମାଆ ଲୋ
ଯେବେ ପାହିବ ଏ କାଳ ରାତ୍ରୀ ।।

*ଚାରିମାଢିଆ, ବନ୍ଧାଳ, ବାଙ୍କୀ*
*ମୋ-୯୬୬୮୫୬୩୦୦୩*



# ଅସରାଏ ବର୍ଷା



**କାନନବାଳା ନାୟକ**



ଅସରାଏ ବର୍ଷା ବର୍ଷି ଚାଲିଗଲା। ଆଉ ବୋଧହୁଏ ବର୍ଷା ହେବନି। ଆକାଶରେ ଆଉ ବାଦଲ ନାହିଁ। ଚାରିଆଡ ଫର୍ଚ୍ଚା ଦେଖାଗଲାଣି। ବାରଣ୍ଡା ଉପରେ ବସି ବାହାରର ବର୍ଷାକୁ ଅନୁଧ୍ୟାନ କରୁଥିବା ଦିବାକର ବାବୁଙ୍କ ମନ ମଧ୍ୟରେ ଉଠିଥିବା ଝଡ଼ ମଧ୍ୟ ଥମି ଗଲାଣି। ସତରେ ଯେମିତି ଏଇ ବର୍ଷାଟା ତାଙ୍କ ମନ ଭିତରେ ଉଠୁଥିବା ସମସ୍ତ ଚିନ୍ତାକୁ ଧୋଇ ଦେଇ ମନ ଭିତରଟାକୁ ପରିଷ୍କାର କରିଦେଇଛି। ଏବେ ତାଙ୍କୁ ସମସ୍ତ ରାସ୍ତା ପରିଷ୍କାର ଭାବରେ ଦେଖାଯାଉଛି। ଆଉ ତାଙ୍କୁ ଅନ୍ଧାର ଡରାଇ ପାରିବନାହିଁ କାରଣ ଆଲୋକର ସନ୍ଧାନ ତାଙ୍କୁ ମିଳିଯାଇଛି। ଭୂମି ଭିତରୁ ବାହାରି ଆସୁଥିବା ଓଦା ମାଟିର ବାସ୍ନା ତାଙ୍କ ମନ ପ୍ରାଣକୁ ବିଭୋର କରୁଛି। କାଳ ବିଳମ୍ବ ନକରି ସେ ସ୍ତ୍ରୀ ବିମଳା ଦେବୀଙ୍କୁ ଡାକ ପକାଇଲେ। ବିମ କୁଆଡେ ଗଲ କି କପେ ଗରମ ଚା' ଓ କିଛି ପକୁଡ଼ି ଯଦି ମିଳନ୍ତା ତେବେ ଏଇ ବର୍ଷା ପାଗଟା ଜମି ଯାଆନ୍ତା।

ବିମଳା ଦେବୀ ଦୁଇ କପ୍ ଗରମ ଚା' ଓ କିଛି ପକୁଡ଼ି ଧରି ଦାଣ୍ଡପିଣ୍ଡାକୁ ଆସିଲେ। ଦିବାକର ବାବୁଙ୍କ ପାଖରେ ପଡିଥିବା ଟେବୁଲ୍ ଉପରେ ଟ୍ରେଟିକୁ ଥୋଇଦେଇ ପାଖରେ ପଡିଥିବା ଚେୟାର ଉପରେ ବସିପଡ଼ିଲେ। ଦିବାକର ବାବୁଙ୍କ ହାତକୁ ଚା' କପ୍‌ଟି ବଢାଇ ଦେଇ କହିଲେ ବହୁତ ଖୁସି ଜଣାପଡୁଛ କଣ ହୋଇଛି ?

ଦିବାକର ବାବୁ ଗରମ ଚା'ର ସ୍ୱାଦ ନେଉ ନେଉ କହିଲେ ଦେଖ ଅସରାଏ ବର୍ଷା ହୋଇଗଲା ପରେ ଆକାଶଟା କେମିତି ନିର୍ମଳ ଦେଖା ଗଲାଣି। ମୋ ମନରୁ ମଧ୍ୟ ସମସ୍ତ କଳା ବାଦଲ ହଟି ଯାଇଛି। ସମ୍ପତ୍ତି ବାଡ଼ିକୁ ନେଇ ଆମ ପିଲାମାନଙ୍କ ମଧ୍ୟରେ ଯେଉଁ ଗଣ୍ଡଗୋଳ ଚାଲିଛି ତାର ସମାଧାନର ବାଟ ମୁଁ ଖୋଜି ପାଇଯାଇଛି। ଭାବୁଛି ଆସନ୍ତା ରବିବାର ଦିନ ସବୁ ପିଲାମାନଙ୍କୁ ଡାକି ନିଜର ନିଷ୍ପତ୍ତି ଶୁଣାଇଦେବି।

ବିମଳା ଦେବୀ କହିଲେ କି ନିଷ୍ପତ୍ତି ନେଇଛ ଶୁଣେ। ଦିବାକର ବାବୁ କହିଲେ ବ୍ୟସ୍ତ ହୁଅନି ସମୟ ଆସିଲେ ତୁମେ ସବୁ ଜାଣିଯିବ।

ଦିବାକର ବାବୁ ଜଣେ ଅବସରପ୍ରାପ୍ତ ହାଇସ୍କୁଲ ହେଡ୍ ମାଷ୍ଟର। ଜଣେ ସଚ୍ଚୋଟ, ମୃଦୁଭାଷି, ଛାତ୍ର ବତ୍ସଳ ଓ ଜ୍ଞାନୀ ଗୁଣୀ ବ୍ୟକ୍ତି ହିସାବରେ ଖଣ୍ଡ ମଣ୍ଡଳରେ ତାଙ୍କ ନାଁ ଡାକ। ଗାଁ ସାରା ଲୋକ ତାଙ୍କୁ ମୂରବୀ ହିସାବରେ ମାନନ୍ତି। ବିଭିନ୍ନ ସମସ୍ୟା ନେଇ ଦିବାକର ବାବୁଙ୍କ ପାଖକୁ ଆସନ୍ତି। ଦିବାକର ବାବୁ ମଧ୍ୟ ନିଜର ସାଧ୍ୟ ମୋତେ ସେମାନଙ୍କର ସମସ୍ୟା ସବୁକୁ ସମାଧାନ କରିବା ପାଇଁ ଚେଷ୍ଟା କରନ୍ତି।

ଦିବାକର ବାବୁଙ୍କର ଦୁଇ ଝିଅ ଓ ଦୁଇ ପୁଅ। ସମସ୍ତେ ଉଚ୍ଚ ଶିକ୍ଷିତ ଓ ଭଲ ଭଲ ଚାକିରି ମଧ୍ୟ ପାଇଛନ୍ତି। ଚାକିରି ଜାଗାରେ ଭଲ ଭଲ ଘର ମଧ୍ୟ କରିସାରିଲେଣି। ତଥାପି ବାପାଙ୍କ ସମ୍ପତ୍ତି ଉପରେ ସମସ୍ତଙ୍କ ନଜର। ପୁଅ ଝିଅମାନେ ଅନେକ ଥର ବାପା ଦିବାକର ବାବୁଙ୍କୁ ଏ ବିଷୟରେ କହିଲେଣି। ବାପା ତୁମେ ଓ ବୋଉ ଆଉ କାମ ପାରୁନ। ଏଣେ ଏବେ ଚାକର ଚାକରାଣୀ ମିଳିବାରେ ଯେଉଁ ସମସ୍ୟା। ମାଧ ଖୁଡ଼ି ଆଉ କେତେ ଦିନ ଆଉ ତୁମ ମାନଙ୍କୁ ସାହାଯ୍ୟ କରୁଥିବେ। ଏଇ ସମ୍ପତ୍ତି ବାଡ଼ି ଆମ ଚାରିଜଣଙ୍କ ମଧ୍ୟରେ ବାଣ୍ଟି ଦିଅ। ଆଉ ତୁମେମାନେ ପାଳିକରି ତିନି ମାସ ଲେଖା ଆମ ଚାରିଜଣଙ୍କ ପାଖରେ ରହିଯିବ।

ପିଲାଙ୍କ କଥା ଶୁଣି ଦିବାକର ବାବୁ ହସିହସି କହନ୍ତି ଏବେ ତ ଆମେ ନିଜ କାମ ନିଜେ କରିପାରୁଛୁ ଯେତେବେଳେ ହାତ ଗୋଡ ଅଚଳ ହୋଇଯିବ ତୁମମାନଙ୍କ ପାଖକୁ ଯିବୁନି ? ଆଉ ରହିଲା ସମ୍ପତ୍ତି ଭାଗ କରିବା କଥା ? ତୁମେ ମାନେ ବ୍ୟସ୍ତ ହୁଅନି ଇହଧାମ ତ୍ୟାଗ କରିବା ପୂର୍ବରୁ ମୁଁ ମୋର ସମ୍ପତ୍ତି ବାଡ଼ିର ଠିକ୍ ଭାଗ କରିଦେବି। ତାଛଡା ଗାଁରେ ରହୁଛୁ ବୋଲି ଆମେ ସୁସ୍ଥ ସବଳ ଅଛୁ। ପ୍ରତ୍ୟେକ ଦିନ ସାହି ପଡିଶା ଲୋକଙ୍କ ସହ ଦେଖା ହେଉଛି। ବାଡି ପଟ ବଗିଚାରେ କିଛି ପନିପରିବା ଚାଷ କରୁଛୁ। ସନ୍ଧ୍ୟା ସମୟରେ ଗାଁ ଭାଗବତ ଟୁଙ୍ଗୀରେ ଭାଗବତ ପାଠ ଶୁଣୁଛୁ। ଆମ ସମୟ ଭଲରେ କଟିଯାଉଛି। ତେଣୁ ବର୍ତ୍ତମାନ ସମ୍ପତ୍ତି ବାଡ଼ି ଭାଗ କଥା କୁହନାହିଁ।

ଏମିତି ଭାବରେ ଦିବାକର ବାବୁ ନିଜ ପିଲାଙ୍କ କଥାକୁ ଏଡାଇ ଚାଲିଥାଆନ୍ତି। କିନ୍ତୁ ଏଥର ଖରାଛୁଟିରେ ପିଲାମାନେ ଯେବେ ଘରକୁ ଆସିଥିଲେ ସମ୍ପତ୍ତି ବାଡ଼ି ଭାଗ ପାଇଁ ଜିଦି ଧରିଥିଲେ। ଦିବାକର ବାବୁ କହିଲେ ହଉ ଠିକ୍ ଅଛି ମୋତେ କିଛି ସମୟ ଦିଅ, ମୁଁ ସମ୍ପତ୍ତିର ଉପଯୁକ୍ତ ବ୍ୟବସ୍ଥା କରିଦେବି। ହେଲେ ସେ ପିଲାମାନଙ୍କ ହାବ ଭାବରୁ ଜାଣିପାରିଥିଲେ ଯେ ତାଙ୍କ ପିଲାମାନେ ତାଙ୍କୁ ଭବିଷ୍ୟତରେ କିପରି ବ୍ୟବହାର କରିବେ। ତେଣୁ ସେ ମନେ ମନେ ସବୁବେଳେ ଚିନ୍ତା କରୁଥାଆନ୍ତି ଯେ ସମ୍ପତ୍ତି ବାଡ଼ିର ଭାଗ କେମିତି କରିବେ ? କାରଣ ସେ ଏକଥା ଭଲ ଭାବରେ ଜାଣିଥିଲେ ଯେ ସମ୍ପତ୍ତି ବାଡ଼ି ଭାଗ ହୋଇଗଲେ ତାଙ୍କୁ ତାଙ୍କ ପିଲାମାନେ ଗାଁର ସବୁ ସମ୍ପତ୍ତି ବାଡ଼ି ବିକ୍ରି କରିବା ପାଇଁ ବାଧ୍ୟ କରିବେ ଓ ତାଙ୍କ ପାଖରେ ରଖି ତାଙ୍କ ଇଶାରାରେ ନଚାଇବେ।

ଅନେକ କଷ୍ଟ କରି ଦିବାକର ବାବୁ ଏସବୁ ସମ୍ପତ୍ତି କରିଛନ୍ତି। ତାଙ୍କ ବାପା ପର ଘରେ ମୂଲ ଲାଗି ପରିବାର ପ୍ରତିପୋଷଣ କରୁଥିଲେ। ସେଥିରୁ ଯାହା ପାଉଥିଲେ ତାହା ଦିବାକର ବାବୁଙ୍କ ପାଠ ପଢ଼ାରେ ଖର୍ଚ୍ଚ କରୁଥିଲେ। କାରଣ ସେ ଚାହୁଁଥିଲେ ତାଙ୍କ ପୁଅ ତାଙ୍କ ପରି ପରଘରେ ମୂଲ ନ ଲାଗୁ। ଦି ଅକ୍ଷର ପାଠପଢୁ। ଆଉ ପାଠ ପଢି ଗାଁର ଅନ୍ୟମାନଙ୍କୁ ଶିକ୍ଷିତ କରୁ। ତେଣୁ ସମ୍ପତ୍ତି ବୋଇଲେ ଦିବାକର ବାବୁଙ୍କ ବାପା ତାଙ୍କ ପାଇଁ କେବଳ ପୂର୍ବପୁରୁଷଙ୍କ ଅମଳରୁ ରହିଥିବା ଭଙ୍ଗା ଚାଳ ଘରଟିଏ ଛାଡି ଯାଇଥିଲେ।

ଦିବାକର ବାବୁ ଓ ବିମଳା ଦେବୀ ଅନେକ କଷ୍ଟରେ ପଇସା ପଇସା ଯୋଡ଼ି ଏଇ ଘର ଦ୍ୱାର ଓ ଜମି ବାଡ଼ି କରିଛନ୍ତି। ତେଣୁ ଦିବାକର ବାବୁ ତାଙ୍କ ଆଖି ସାମ୍ନାରେ ତାଙ୍କ କଷ୍ଟର୍ଜିତ ସମ୍ପତ୍ତି ଆଉ କାହା ମାଲିକାନାକୁ ଚାଲିଯିବ ସେ କଥା ସହ୍ୟ କରିବାକୁ ପ୍ରସ୍ତୁତ ନଥିଲେ। ସେ ତାଙ୍କର ସହକର୍ମୀ ଓ ସାଙ୍ଗ ମାନଙ୍କ ସହିତ କଥା ହେଲେ। ଏଇ କଥା ଭାବି ଭାବି ସେ ଦିନ ଦାଣ୍ଡ ପିଣ୍ଡାରେ ବସିଛନ୍ତି ହଠାତ୍ କଳାହାଣ୍ଡିଆ ମେଘଟା ଉଠାଇ ଆସିଲା ଓ ଖୁବ୍ ଯୋର୍‌ରେ ଅସରାଏ ବର୍ଷା ବର୍ଷି ଗଲା। ଆଉ ଦିବାକର ବାବୁଙ୍କ ମନ ଭିତରେ ଚାଲିଥିବା ସମସ୍ତ ଦ୍ୱନ୍ଦ୍ୱକୁ ଦୂର କରି ଏକ ନୂତନ ବିଜୁଳି ଆଲୋକପାତ କରିଦେଇଗଲା।

ଦିବାକର ବାବୁ ନିଜର ଯୋଜନା ଅନୁସାରେ ତାଙ୍କ ପିଲାମାନଙ୍କୁ ରବିବାର ଦିନ ଘରକୁ ଡାକିଲେ ଏବଂ କହିଲେ ତୁମେମାନେ ସବୁବେଳେ ସମ୍ପତ୍ତି ବାଡ଼ି ଭାଗ କରିବା କଥା କହୁଥିଲ ନାଁ। ମୁଁ ସବୁ ସମ୍ପତ୍ତି ଭାଗ କରି ଦେଇଛି। ଏଇ କଥା କହି ସେ ତାଙ୍କ ଇଚ୍ଛାପତ୍ରଟିକୁ କାଢିଲେ ଏବଂ ବଡ଼ ପୁଅ ହାତକୁ ବଢାଇ ଦେଇ ତାକୁ ବଡ଼ ପାଟିରେ ପଢିବା ପାଇଁ କହିଲେ। ବଡ଼ ପୁଅ ବଡ଼ ପାଟିରେ ଇଚ୍ଛାପତ୍ରଟିକୁ ପଢିଲା ଯେଉଁଥିରେ ଲେଖାଥିଲା ସେ ତାଙ୍କ ଘରଟିକୁ ହ୍ୟାପି ହୋମ୍‌ରେ ପରିଣତ କରିବା ପାଇଁ ଯାଉଛନ୍ତି।

ତାଙ୍କ ପିଲାମାନେ ପରସ୍ପର ମୁହଁ ଚାହାଁ ଚାହିଁ ହେଲେ। ଦିବାକର ବାବୁ କହିଲେ ମୁଁ ତୁମକୁ ଅସଲ ସମ୍ପତ୍ତି ଦେଇଛି। ତାହା ହେଉଛି ବିଦ୍ୟା। ମୁଁ ତୁମମାନଙ୍କୁ ଶିକ୍ଷିତ କରାଇଛି। ତୁମମାନେ ମଧ୍ୟ ଉଚ୍ଚ ପଦ ପଦବୀରେ ଅଧିଷ୍ଠିତ ହୋଇଛ। ତୁମେମାନେ ଏବେ ତୁମ ନିଜର ଅର୍ଥରେ ଯଥେଷ୍ଟ ସମ୍ପତ୍ତି ବାଡ଼ି କରିପାରିବ। ଯେମିତି ଦିନେ ମୁଁ କରିଥିଲି। ମୋ ବାପା ମୋତେ ଭଙ୍ଗା ଚାଳ ଛପର ଘରଟିଏ ଛାଡା ଆଉ କିଛି ଦେଇନଥିଲେ। କିନ୍ତୁ ସେ ମଧ୍ୟ ମୋତେ ବିଦ୍ୟା ରୂପକ ଧନ ଦେଇଥିଲେ। ଆଜି ତା ବଳରେ ମୁଁ ଏ ସବୁ କରିଛି।

ତୁମେମାନେ ମୋତେ ନିଜ ଭିଟାମାଟି ଛାଡ଼ି ସହରରେ ରହିବାକୁ କହୁଛ। ମୁଁ କିନ୍ତୁ ମୋ ସାଙ୍ଗମାନଙ୍କ ସହ କଥା ହୋଇ ଜାଣିଯାଇଛି ଯେ ସେମାନେ ତାଙ୍କ ପିଲାମାନଙ୍କ କଥାରେ ପଡ଼ି ନିଜ ଭିଟାମାଟିକୁ ବିକ୍ରି କରି, ପିଲାମାନଙ୍କ ପାଖରେ ରହି କିପରି ବଞ୍ଚି ଥାଉ ଥାଉ ନର୍କ ଯନ୍ତ୍ରଣା ଭୋଗ କରୁଛନ୍ତି। ପିଲାମାନଙ୍କର ବାପା ମାଆଙ୍କ ସହ ପଦେ କଥା ହେବା ପାଇଁ ସମୟ ନାହିଁ। ସୁଖ ଦୁଃଖ ବାଣ୍ଟିବା ତ ଦୂରର କଥା। ବାପା ମାଆମାନେ ତାଙ୍କ ପାଇଁ ଅଲୋଡ଼ା ହୋଇ ଗୃହବନ୍ଦୀ ଭାବରେ ଜୀବନ ବିତାଉଛନ୍ତି।

ମୁଁ ସ୍ଥିର କରିଛି ମୁଁ ଆମମାନଙ୍କ ଭଳି ବୃଦ୍ଧ ବୃଦ୍ଧା ପାଇଁ ଗୋଟେ ହ୍ୟାପି ହୋମ୍ ତିଆରି କରିବି। ଯେଉଁଠି ସମସ୍ତେ ସମସ୍ତଙ୍କ ଦୁଃଖ, ଯନ୍ତ୍ରଣା, ସୁଖ ସବୁକୁ ଭାଗ କରିପାରୁଥିବେ। କାହା ପାଖରେ କାହା ପାଇଁ ସମୟର ଅଭାବ ନଥିବ। ସମସ୍ତେ ସମସ୍ତଙ୍କ ପାଇଁ ଲୋଡ଼ା ହେଉଥିବେ। ଯିଏ ଯେତେଦିନ ବଞ୍ଚିବ ସ୍ୱାଭିମାନର ସହ ବଞ୍ଚିବ।

ଦିବାକର ବାବୁଙ୍କ କଥା ଶୁଣି ତାଙ୍କ ପିଲାମାନଙ୍କ ମୁହଁ ଶୁଖିଯାଇଥିଲା। କିନ୍ତୁ ପ୍ରତିବାଦ କରିବାର ସାହସ ତାଙ୍କ ପାଖରେ ନଥିଲା। ବିମଳା ଦେବୀ ଓ ଦିବାକର ବାବୁଙ୍କ ମୁହଁରେ କିନ୍ତୁ ଆତ୍ମସନ୍ତୋଷର ହସଟିଏ ବିଜୁଳି ଭଳି ଚମକୁ ଥିଲା।

*ପୁରୀ*



# ସରିନଥିବା ରେବତୀର ଦୁଃଖ

**ରଶ୍ମିତା ସେଠୀ**

ନିଜ ଜୀବନକୁ ଆଜିବି ନିଜ ଇଚ୍ଛାରେ ଜିଇଁ ପାରେନା ସେ
ଆଖି ତା'ର ହେଲେ ତାକୁ ସ୍ୱପ୍ନ ଦେଖିବା ମନା
ମନ ତା'ର ହେଲେ ମନ ଖୋଲି ସେ ହସି ପାରେନା
ଆକାଶ ତା'ର ହେଲେ ସେ ତା' ଇଚ୍ଛାରେ ଉଡ଼ିବି ପାରେନା
ପାଦରେ ତା'ର ଆଉ କାହା ଇଚ୍ଛାର ଶିକୁଳି,
ସେତ କେବଳ ପଞ୍ଜୁରୀର ସୁନାପକ୍ଷୀ ହାଃ କି ଯନ୍ତ୍ରଣା ...
ପ୍ରତି ମୁହୂର୍ତ୍ତରେ ସେ ମରୁଥାଏ ବଞ୍ଚିବାଟା ଖାଲି ଯା' ବାହାନା।
ଆଜିବି ସରିନି ରେବତୀ ଦୁଃଖ ସେ ହସିଲେ ବି ଦୋଷି
ସେ କାନ୍ଦିଲେ ବି ଦୋଷି
ଦୋଷକୁ ମୁଣ୍ଡେଇ ସେ ଚାଲୁଥାଏ ବାଟ।

*ହଳଦୀପଦା, କଲ୍ୟାଣପୁର, ଖୋର୍ଦ୍ଧା*

# ଡଙ୍କାରୀ ପାହାଡ଼

**ଡ. ଚନ୍ଦ୍ରକଳା ନାୟକ**



ତାର ଔଷଧୀୟ ଡଙ୍କରେ
ଭଲ ହେଉଥିଲା ସବୁ ରୋଗ ବୋଲି
ନାଁଟି ତାର ଡଙ୍କାରୀ ପାହାଡ ।
ଡଙ୍କାରୀ ବୁକୁରେ ଅବିରତ ଡିନାମାଇଟର ବିସ୍ଫୋରଣ
ଛାତିକୁ ବିଦାରିତ କରୁଛି କମ୍ପରେ ସରର ନିର୍ଘାତ ଆଘାତ
୨୫ ବର୍ଷରୁ ଉର୍ଦ୍ଧ୍ୱ କାଳ ଧରି ଧର୍ଷିତା ସେ
ହଜି ଯାଇଛି ତା କୁଳୁ କୁଳୁ ଝରଣାର ଧ୍ୱନୀ
ଜୀବନ ବଞ୍ଚାଉଥିବା ଔଷଧୀୟ ଡଙ୍କକୁ ନେଇ
ତାର ସବୁଜ ଯୌବନ ।
ମନୁଷ୍ୟକୃତ ଭାଇରସ୍‌ରେ ସେ ସର୍ବଦା ସଂକ୍ରମିତ
ଡଙ୍କାରୀ ପାହାଡଟା ଅଛି ସତ କିନ୍ତୁ ଅର୍ଦ୍ଧଦଗ୍ଧ ଓ ମୃତବତ ।

ମନୁଷ୍ୟରୂପୀ ଦାନବ ମାନଙ୍କ ଯାନ୍ତ୍ରିକ ଯନ୍ତ୍ରଣାରେ
ଦରଫଟା କଙ୍କାଳଟି ପରି ଅନେଇ ରହିଛି
ତା ସଂଲଗ୍ନ ରାହାଡପୁର ପାହାଡର ପଳ ପଳ ଲୌହ ମାଂସରେ
ଗଢା ହୋଇଛି ପୁଞ୍ଜିବାଦୀର ସୁଉଚ୍ଚ ଅଟ୍ଟାଳିକାର କବାଟ ।
ତତଲା କଡେଇରେ ଭାଜି ହେଉଛି ଲେଲିହାନ ଆଖି
ନିଇତି ଗଢା ହେଉଛି ସାମ୍ରାଜ୍ୟବାଦର ନୂଆ ନୂଆ ସାକ୍ଷୀ
କିଛି ବର୍ଷ ତଳେ ସେ ଥିଲା ଅପରୂପା ପରିପୂର୍ଣ୍ଣା
ଆଜି କିନ୍ତୁ ସଂପୂର୍ଣ୍ଣ ଲୁଣ୍ଠିତା ଓ ଧର୍ଷିତା
ତା ଦେହରୁ ଶୋଷା ଚାଲିଛି
ପ୍ରତିଦିନ ନିଷ୍ପାପ ରକତ
ସବୁଦେଇ ବି ସେ ଆଜି ବିକ୍ରି ହେଉଛି ରାଜରାସ୍ତାରେ ।
ମାତ୍ର ଅଳ୍ପଦିନ ପରେ ବୁହା ହୋଇ ଶେଷହେବ
ତା ଦେହରେ ଥିବା ରତ୍ନର ଭଣ୍ଡାର
ବିବସ୍ତ୍ରା ବାଘୁଆ ପାହାଡ ପରି ଶୁଷ୍କ ଶ୍ରୀହୀନ ହେବ

ତାର ଅଙ୍ଗ ଓ ଶରୀର, କଟା ହୋଇ ଚାଲି ଯିବ ପାପୁଲିର ହାଡ
ପୁଣି ପୁଞ୍ଜିପତି ଶକୁନିମାନେ ତିଆରିବେ ପାଶାକାଠିର ଖେଳ ।
ମୁନ୍ଦାଏ ପାଣି ପାଇଁ ଡହଳ ବିକଳ ହେଉଛି ଆଖପାଖ ଗାଁ
ଗଙ୍ଗେଇଡୁବୁରୀ ପାହାଡ ତଳେ କଇଁ କଇଁ କାନ୍ଦେ ମାଟି ମାଆ
ରୋଗବ୍ୟାଧୀ ଯନ୍ତ୍ରଣାରେ ଫାଟି ଉଠେ ମନୁଷ୍ୟର ସ୍ୱର
ସୁଉଚ୍ଚ ପ୍ରାସାଦ ତୋଳି ହସ ଶୁଭେ ନର ରାକ୍ଷସର
ଇତସ୍ତତଃ ଲୋଟି ପଡିଥିବା
ସାଧାରଣ ମଣିଷର ଦୁର୍ଦ୍ଦଶାକୁ କିଏ ବା ବୁଝିବ !
କିଏ ବା ପୋଛିପାରିବ ଡଙ୍କାରୀର ଅସରା ଲୁହକୁ
କିଏ ଅଛି ବାଧା ଦେଇ ପାରିବ ଧନତନ୍ତ୍ରର ଏହି ମଣିଷକୁ
ଅହରହ ବିଳପୁଛି ପାହାଡର ପ୍ରତିଟି କୋଣରେ
କେତେଦିନ ରହିବ ସେ ଅମା ଅନ୍ଧାରରେ ।
ରଙ୍ଗ ବଦଳାଇ ଥିବା ଦାନବ ମାନଙ୍କ ଲୁଚକାଳି ଖେଳର

ପୂର୍ଣ୍ଣଚ୍ଛେଦ ଦିନେ ତ ନିଶ୍ଚୟ ପଡିବ
ମାଟି ମାଆ ଯନ୍ତ୍ରଣାର ନିଆଁ ଉପରେ
ଠିଆ ହୋଇ କରୁଛି ନୀରବ ସାଧନା
ଧ୍ୱଂସ ଭିତରୁ ବି ଗୁମୁରୁଛି
ଗଢିବାର 'ଓଁ' କାର
ଓ ଦାନବ ମାନଙ୍କ ବିନାଶକୁ ଅପେକ୍ଷା କରିଛି।

*ଭୁବନପୁର, ଗଡମଧୁପୁର, ଧର୍ମଶାଳା, ଯାଜପୁର,*
*ମୋ-୯୪୩୭୯୫୭୬୧୭*



# ଆତ୍ମଦାହ

**ଅନସୂୟା ପଣ୍ଡା**

ଆତ୍ମଦାହ ଏତେ ସହଜ ନୁହେଁ
ସ୍ୱାଭିମାନର ବନ୍ଧଟିଏ ଭାଙ୍ଗିଗଲେ
ଉଛୁଳି ପଡେ ରକ୍ତ ଶିରା ପ୍ରଶିରାରୁ
ନିଜ ଭିତରୁ ଭାସି ଆସେ ଅଟ୍ଟହାସ୍ୟ
ଏମିତି ଏକ ଜାଲ ବିଛା ଦୁନିଆଁ ଲାଗେ
ଅସହ୍ୟ ଦୁର୍ଗମ ଅରଣ୍ୟ।

ମଣିଷମାନେ ହିଂସ୍ର ଜନ୍ତୁର ମୁଖାରେ
ହୁଅନ୍ତି ପ୍ରତ୍ୟୟମାନ
ଏମିତି କକ୍ଷ ପଥରେ ମନଟିଏ
ଉଭିଦେଇବା ସାମର୍ଥ୍ୟ ହରେଇ ଦିଏ।

ଆତ୍ମଦାହ ଏତେ ସହଜ ନୁହେଁ
ମନୋବଳର କ୍ଷୁର୍ଣ୍ଣ ଶିଳା ଉପରେ ଠିଆ ହେବା
ଭାରସାମ୍ୟ ରଖି ଧାଡ଼ି ଧାଡ଼ି ଅପେକ୍ଷାରେ
ସହଜ ନୁହେଁ ଜୀବନ ଯାତ୍ରାରେ
ସୁନାମିର ତାଣ୍ଡବରେ ଦୀର୍ଘ ଲହଡି ବକ୍ଷରେ
ବିଷାକ୍ତ ସାପର ଲାଞ୍ଜ ଧରି ପାର ହେବା
ଦୁଃସାଧ ଉତ୍କ୍ଷିପ୍ତ ଉତ୍ତେଜନାରେ।



ମାଇଲ୍ ମାଇଲ୍ ଲମ୍ବିଥିବା ଆତଙ୍କର ପ୍ରଚ୍ଛଦରେ
ଆଲୋକ ପକ୍ଷର ଅପେକ୍ଷା
କଷ୍ଟପଦ ଅବହେଳିତ ବୋଧର ଭାବଧାରାରେ
ଆତ୍ମଦାହ ଏତେ ସହଜ ନୁହେଁ
କିନ୍ତୁ ହାରିଯିବା ବୋଧେ ସହଜ ବୋଧ ସ୍ୱାର୍ଥପରତା।

ଆର୍ଯ୍ୟାବର୍ତ୍ତର ତୁ ଉତ୍ତର ଦାୟାଦ
ଧରି ପାରିଥାନ୍ତୁ ଖପର
ଭରି ପାରିଥାନ୍ତା ରୁଧିର
ଭେଦି ପାରିଥାନ୍ତୁ ତ୍ରିଶୂଳରେ
ଆସୁରିକ ପ୍ରବୃତ୍ତି ମହିଷାର।

ମାଳ ମାଳ କଟା ମୁଣ୍ଡ
ପାରିଥାନ୍ତୁ ପିନ୍ଧି ଗଳାରେ ତୋହର
ତୋ ଆହୁତିରେ ଏଠି ଲିଭିବନି ଅନ୍ଧାର
ସବୁ ସେମିତି ଚାଲିବ।

କିଛି ସମୟ ପରେ ଲିଭିଯିବ ସନ୍ତ୍ରସ୍ତର ସ୍ୱର
ସମୟ ଚାଲିଯିବ ପିନ୍ଧି କଳା ଚଷମା
ହୋଇଯିବ ସବୁ ସ୍ଥବିର
କେତେ କରୁଣ କାନ୍ଦ କାତର ନିବେଦନ
ପବନରେ କୋମଳ ଫୁଲଙ୍କର।

କାହାକୁ ଶୁଭେନି ଏଠି ଚିତ୍କାର କାହାର
ଆତ୍ମସାତ୍ ମଣିଷପଣିଆ ଅବିବେକିର
ନ୍ୟାୟ କଣ୍ଢେଇଟିଏ ହଜୁରଙ୍କ ଦରବାରର
ତିନିଦିନ ଯେତିକି କଷ୍ଟ ସହିଲୁ ଜ୍ୱଳନର
ସେତିକି କଷ୍ଟ କରିଥିଲେ ହୁଏତ ଜଳିଯାଇଥାନ୍ତା
ଲଙ୍କା ହସ୍ତିନା ରାବଣ ଦୁର୍ଯ୍ୟୋଧନ ...।

*ବୁର୍ଲା, ସମ୍ବଲପୁର*
*ମୋ-୮୩୨୮୯୪୫୮୮୫*

# ବିଜୟା ଅଭିସାର

**ମହୀଜା ଦଳବେହେରା**



ଘରେ ଘରେ ପାଉ ପୂଜା ମା'ର ଚିନ୍ମୟ ମୂରତି
ପ୍ରେମମୟୀ, କ୍ଷମାମୟୀ ସେ ଯେ ଅପୂର୍ବ ଶକତି
ଘରେ ଘରେ ଶକ୍ତି ପୀଠ ହେଉ ପ୍ରତିଟି ଅଗଣା
ମମତାମୟୀ ମାଆ ସେ ନହେଉ ଯେ ବିକାକିଣା
ଏ ଜୀବନେ ମାତୃପୂଜା ହେଉ ପ୍ରତି କ୍ଷଣେ କ୍ଷଣେ
ଜନ୍ମଦାତ୍ରୀ ମାଆ ଆମ ଭଗବତୀ ଜଣେ ଜଣେ
ମୃଣ୍ମୟୀରେ କରି ପୂଜା ଚିନ୍ମୟୀରେ ହତାଦର
ପଥର ମୂର୍ତ୍ତି ପାଦେ ସହସ୍ର ଯେ ନମସ୍କାର
ସେ କି ସନମାନ ସତେ ମୁଁ ଯେ ପାରେ ନାହିଁ ଜାଣି
ମା' ଯେ ଦେଇଥାନ୍ତି ଜ୍ଞାନ ପରା ଆଲୋକକୁ ଆଣି
ମା'ର ଗରଭେ ବି କନ୍ୟା ବଞ୍ଚିବାକୁ କରେ ରଣ
ଆଜି ଘରେ ଘରେ ଦ୍ୱନ୍ଦ୍ୱ କାନ୍ଦୁଛନ୍ତି ମାତୃଗଣ
ଲଭିବା ଆଗରୁ ସ୍ୱାଦ ବଧୂଏ ପଡ଼ନ୍ତି ଟଳି



ନବନୀତା, ସୁକୁମାରୀ କେତେ ଯେ ଅଲିଅଳୀ
ବିବାହ ଯେ ଅଭିଶାପ ଲାଗେ ସତେ ଭାରି ଡର
ଯଉତୁକ କାରବାର ବିକା କିଣା ହୁଏ ବର
ଚେତନାମୟୀ ଜୀବନେ ଯଦି ଗଲା ହାହାକାରେ
ଆଉ କିବା ଗଉରବ ବିଜୟାର ଅଭିସାରେ
ସଂଭ୍ରମେ ନେବା ଶପଥ ଆଜି ପବିତ୍ର ପାର୍ବଣେ
ଜାଳି ଦେବା ମାଆନାମେ ଦୀପ କୋଣେ କୋଣେ
ବିଜୟା ଆନନ୍ଦେ ସତେ ମାଗୋ ମନ ଯିବ ଭରି
ଦୁଃଖ, ଯନ୍ତ୍ରଣା, ଅସୂୟା ଯେବେ ଯିବ ଅପସରି
ଅସତ୍ୟ ଠାରେ ବିଜୟା ହେବ ଯେଦିନ ସତ୍ୟର
ସେଦିନ ହେବ ସଫଳ ମା ବିଜୟା ଅଭିସାର।

*ସୀତା ନିବାସ, ରାଜା ବଗିଚା, କଟକ-୯*



# ସୂତ୍ର

**ଆଦ୍ୟାଶା ମହାପାତ୍ର**

ଆଖିରେ ଆଖିଏ ସ୍ୱପ୍ନ ସମ୍ମେଳନ
ମନେ ଉଦ୍ରେକିତ ଚିନ୍ତା
ଶିଖର ଛୁଇଁବା ଦିବ୍ୟ ସମ୍ମୋହନ
ନିବୃତ୍ତ ନହେଉ ଚେଷ୍ଟା ।।

ଉଜାଣି ନବହୁ ଆଶା ଓ ଆକାଂକ୍ଷା
ଦେଦୀପ୍ୟ ଥାଉ ଭରସା
ପବନରେ ଥାଉ ନିଃଶ୍ୱାସର ଆସ୍ଥା
ଜୀବନେ ଜିଗୀଷା ନିଶା ।।

କଦବା ଉଜୁଡୁ ସାଇତା ସପନ
ଭ୍ରଷ୍ଟ ନହେଉ ଲୟ
ଥିଲେ ଜିଜୀବିଷା ସଙ୍ଗତେ ଅନ୍ୱେଷା
ଲକ୍ଷ୍ୟ ନୁହଁଇ ଦୂରୁହ ।।

ପ୍ରଳୟ ତାଣ୍ଡବ ଧ୍ୱଂସ ସ୍ତୁପ ତଳୁ
ପତ୍ର ମେଲେ ନୂଆ ଭ୍ରୁଣ
ପ୍ରକୃତିରେ ଦେଖ ସବୁଜିମା ଚିତ୍ର
ଅକାରଣ ମ୍ରିୟମାଣ ।।

ପକ୍ଷୀର ସ୍ୱରରେ ପୁଣି ଗୁଞ୍ଜରିତ
ପ୍ରଣବ ଓଁକାର ଧ୍ୱନି
ଏ ଡାଳେ ସେ ଡାଳେ ସ୍ୱାକ୍ଷରିତ ତା'ର
ସମ୍ଭାବନା ସଞ୍ଜିବନୀ ।।

ଶକତି ରହିତ ନୁହେଁ ପଞ୍ଚଭୂତ
ସ୍ରଷ୍ଟାର ସେ ବରଦାନ
ସ୍ୱତଃ ଦୃଶ୍ୟାୟିତ ଜୀବନର ପଥ
ସଂକଳ୍ପିତ ଯେବେ ମନ ।।

ନବ ଉନ୍ମେଷିତ ଆଲୋକର ଧାରା
ଚିର ଚିନ୍ମୟ ରୂପ
ସତକର୍ମ ସଦେବ ଶାନ୍ତି ସ୍ୱସ୍ତି ସୂତ୍ର
ନିର୍ବିବାଦ ନିର୍ବିକଳ୍ପ ।।

*ନୂଆପଡା, କଟକ*

# ଶ୍ରାବଣୀ

**ସୁଜିତ କୁମାର ମିଶ୍ର**

ଶ୍ରାବଣୀ ଗୋଟିଏ ଲୁହ ଜୁଡୁବୁଡୁ ସୁକୁମାରୀ ଝିଅ ନାଆଁ,
ଭିଜୁଥାଏ ଯିଏ ଭାବ ପଣତରେ ଭିଜାଇ ପ୍ରେମିକ ଗାଆଁ ।
ଶ୍ରାବଣୀ ଗୋଟିଏ ଅଚିହ୍ନା ସହରେ ହଜିଲା ଶ୍ରଦ୍ଧା ପାଉଁଜି,
ନିରୀହ ଓଠ ଯା ଝଡ଼ର କୋପରେ ନିରୁଦ୍ଦିଷ୍ଟ ଶୋଭାରାଜି ।

ଶ୍ରାବଣୀ ଗୋଟିଏ କୁହୁଳା ଛାତିର ସନ୍ତାପିତ ଶେଷଶିଖା,
ମନଖାତାରେ ସେ ମରଣର ଚିତ୍ର ମାନମୟୀ ବକ୍ରରେଖା ।
ଶ୍ରାବଣୀ ଗୋଟିଏ ପ୍ରତୀକ୍ଷା ବର୍ଷାରେ ଲାଜଲାଜ ଶ୍ରଦ୍ଧାନଈ,
ଜହ୍ନ ଆଲୁଅର ରଙ୍ଗ ମାଖିବାକୁ ଝୁରୁଥିବା ରାଧାରାଇ ।

ଶ୍ରାବଣୀ ଗୋଟିଏ ବଧୂଳି ଦେହର ସବୁଜ ସୁନ୍ଦର ଶାଢି,
ପ୍ରଣୟ ରାଗ ଯା ମେଘ ମେଦୁରିତ ପ୍ରାଣାକାଶେ ଉଦ୍‌ବ୍ୟଘଡି ।
ଶ୍ରାବଣୀ ଗୋଟିଏ ନିଆସୀ ମାଆର ବିବର୍ଣ୍ଣ ପଣତ କାନି,
ମିଛହସ ଯାର ସଂସାରର ପୁଣ୍ୟ ମାଙ୍ଗଳିକ ଶଙ୍ଖଧ୍ୱନି ।

ଶ୍ରାବଣୀ ଗୋଟିଏ ବିଦଗ୍ଧ ଗୀତର ସଜଳ ଚେତନା ସ୍ୱର,
ଯିଏ ବ୍ୟାପ୍ତିଟିଏ ନିଖିଳ ବିଶ୍ୱର ବିଶ୍ୱାସରେ ନିରନ୍ତର ।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*



# କାନ୍ଦେ ଶ୍ରାବଣ

**ପ୍ରଣୀତା ମିଶ୍ର**

ନିଦାଘର ତତଲା ଜରାୟୁ ଚିରି
ଯେତେବେଳେ ଆଷାଢ଼ଟା
ଜନ୍ମ ନେଲା
ପ୍ରଥମରୁ ହିଁ ଆଖିର ଲୁହରେ
ଭସାଇ ଦେଲା ଯେ
ସୂର୍ଯ୍ୟ ବି ପ୍ରକାଶ ଢାଳିବା
ବନ୍ଦ କରିଦେଲା ।
ଆଉ ଶ୍ରାବଣ ବି ଆସୁ ଆସୁ
ଅସରା ଲୁହରେ ଭିଜାଇ ଦେଲା
ଭୂମି ଠାରୁ ଭୂମା ଯାଏ।
ପଚାରିଲି ଦିନେ ଏକାନ୍ତରେ
'ଶ୍ରାବଣୀ ଗୋ ! କାହିଁ ପାଇଁ
ଏତେ ଦୁଃଖ
କହିବ କି ମନ ଖୋଲି ଥରେ' ?
ଢାଳି ଦେଇ ଉବଡବ ଲୁହ
କହିଲା ସେ
ତୁମର କି ପଥର ହୃଦୟ !
ଯୁଦ୍ଧର ଘନଘଟା ନିରୀହର
ଆରତ ଚିତ୍କାର
ଭେଦେନା କି ହୃଦୟ ତୁମର ?
ଆତଙ୍କୀଙ୍କ ମୃତ୍ୟୁ ଲୀଳା
ନିରୀହର ଆକୁଳ କ୍ରନ୍ଦନ
ଅବଳାର ବଳାତ୍କାର
ଅସହାୟତାର ଚିତ୍କାର
ମୃତ୍ୟୁର ସେ ଜତୁଗୃହେ
ଲିଭିଗଲା କେତେ ଯେ ଜୀବନ ।
ବୃକ୍ଷଲତା ଆଜି କାନ୍ଦେ
କୋହଭରା ଉଦାସ ଆକାଶ
ଚିରିଦେଇ ବକ୍ଷ ତାର
ଗଢିଯାଅ କେତେ ଯେ ଆବାସ ।
କାନ୍ଦୁଛି ମୁଁ ଫୁଲି ଫୁଲି
କାନ୍ଦିବ ତୁମେ ବି କାଲି
ସହିବ ନାହିଁ ଧରିତ୍ରୀ
ବୁଡ଼ାଇବ ଆଖି ଲୁହେ ।
ମିଳିବନି ଆଉ ବେଳ
ଆଜି ପ୍ରକୃଷ୍ଟ ସମୟ
ବଞ୍ଚାଅ ଏ ଧରିତ୍ରୀ
ଜୀବଜନ୍ତୁ ଜାତି ଜାତି
ନିଜ ରକ୍ଷା କର ନିଜେ
ନାଶ କରି ବିଷର ବଳୟ ।

*ଭୁବନେଶ୍ୱର*

# ୱାର୍ଲ୍ଡ ଆଥ୍ଲେଟିକ୍ସ ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରିବାକୁ ଆମେ ପ୍ରସ୍ତୁତ : କ୍ରୀଡ଼ାମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ଅଗଷ୍ଟ ମାସ ୧୦ ତାରିଖ ଦିନ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡ଼ିୟମ୍ ଠାରେ ଆୟୋଜିତ ହେବ ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ପ୍ରତିଯୋଗିତା। ଶୁକ୍ରବାର କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କଳିଙ୍ଗ ଷ୍ଟାଡ଼ିୟମ୍ ଠାରେ ଉକ୍ତ ପ୍ରତିଯୋଗିତା ଆୟୋଜନର ସମସ୍ତ ପ୍ରସ୍ତୁତି ସମ୍ବନ୍ଧରେ ସମୀକ୍ଷା କରିଛନ୍ତି।



ଏହି ପ୍ରସ୍ତୁତି ସମୀକ୍ଷାରେ ଆଥଲେଟିକ୍ସ ଫେଡ଼େରେସନ ଅଫ୍ ଇଣ୍ଡିଆ, ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ପ୍ରଶାସନର ସହଯୋଗରେ ଯେପରି ଏହି ପ୍ରତିଯୋଗିତାକୁ ସଫଳ ରୂପେ ଆୟୋଜନ କରାଯାଇପାରିବ ସେ ସମ୍ବନ୍ଧରେ ସବିସ୍ତୃତ ଆଲୋଚନା କରାଯାଇଥିଲା। ବିଶ୍ୱ ସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ପ୍ରଦାନ କରିବା ଠାରୁ ଆରମ୍ଭ କରି ପ୍ରତିଯୋଗିତାରେ ଭାଗନେଉଥିବା ଖେଳାଳିମାନଙ୍କର ସୁରକ୍ଷିତ ରହଣି, ଆତିଥ୍ୟ ଠାରୁ ନେଇ ଲଜିଷ୍ଟିକ୍ସ ପର୍ଯ୍ୟନ୍ତ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବ। ଷ୍ଟାଡ଼ିୟମ୍‌ରେ ପ୍ରତିଯୋଗିତା ଆୟୋଜନ ହେଉଥିବା ବେଳେ ସମସ୍ତ ଖେଳାଳି, ଦର୍ଶକ ଏବଂ ଅଂଶୀଦାରମାନଙ୍କର ସୁରକ୍ଷା ବ୍ୟବସ୍ଥା, ପୋଲିସ ଫୋର୍ସ ମୁତୟନ ଏବଂ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଆବଶ୍ୟକ ରହିଥିବା ସମସ୍ତ ପ୍ରଶାସନିକ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବ।

କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ୍ ଠାରେ ଆସନ୍ତା ଅଗଷ୍ଟ ମାସ ୧୦ ତାରିଖ ଦିନ ୱାର୍ଲ୍ଡ ଆଥଲେଟିକ୍ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ପ୍ରତିଯୋଗିତାର ଆୟୋଜନ କରାଯିବ। ପ୍ରତିଯୋଗିତାରେ ୧୯ଟି ଦେଶରୁ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ ସମୁଦାୟ ୨୦ଟି ଇଭେଣ୍ଟର ଆୟୋଜନ କରାଯିବ।

ଓଡ଼ିଶାରେ ପ୍ରଥମ ଥର ପାଇଁ ୱାଲର୍ଡ଼ ଆଥଲେଟିକ୍ କଣ୍ଟିନେଣ୍ଟାଲ ଟୁର୍‌ର ଆୟୋଜନ ହେବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରିବା ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ବିଶ୍ୱ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବାରେ ଓଡ଼ିଶା ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ମଧ୍ୟ ନିକଟ ଅତୀତରେ ଆୟୋଜିତ ହୋଇଥିବା ବିଭିନ୍ନ ଅନ୍ତର୍ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ସଫଳତା ହାସଲ କରି ରାଜ୍ୟ ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଛନ୍ତି। ୱାଲର୍ଡ଼ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ପ୍ରତିଯୋଗିତାରେ ମଧ୍ୟ ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ଭଲ ପ୍ରଦର୍ଶନ କରିବେ ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ଆଶାବ୍ୟକ୍ତ କରିଛନ୍ତି।

ଏହି ପ୍ରସ୍ତୁତି ସମୀକ୍ଷାରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ଡ. ୟେଦୁଲା ବିଜୟ, ଅତିରିକ୍ତ ପୋଲିସ କମିଶନର ଭୁବନେଶ୍ୱର ନରସିଂହ ଭୋଳ, ହକି ପ୍ରମୋସନ କାଉନସିଲ, ଓଡ଼ିଶାର ସିଇଓ ଦୀପଙ୍କର ମହାପାତ୍ର, ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତୀୟ ଫୁଟବଲ ଦଳରେ ମୁଖ୍ୟ କୋଚ୍ ହେଲେ ଖାଲିଦ ଜାମିଲ

**ନୂଆଦିଲ୍ଲୀ**

ଅଲ ଇଣ୍ଡିଆ ଫୁଟବଲ ଫେଡେରେସନ (ଏଆଇଏଫଏଫ) ଶୁକ୍ରବାର ଖାଲିଦ ଜାମିଲଙ୍କୁ ଭାରତୀୟ ପୁରୁଷ ଫୁଟବଲ ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତ କରିଛି। ୨୦୧୧-୧୨ରେ ସାଭିଓ ମେଡେଇରାଙ୍କ ପରେ ଜାମିଲ ହେଉଛନ୍ତି ପ୍ରଥମ ଭାରତୀୟ କୋଚ୍।

ଜାମିଲ ମାନୋଲୋ ମାର୍କେଜଙ୍କ ସ୍ଥାନ ନେଇଛନ୍ତି, ଯିଏ ଗତ ମାସରେ ଏକ ବର୍ଷର ବିଜୟହୀନ କାର୍ଯ୍ୟକାଳ ପରେ ଇସ୍ତଫା ଦେଇଥିଲେ। ଏଆଇଏଫଏଫ ଟେକ୍ନିକାଲ କମିଟି ଜୁଲାଇ ୨୨ରେ ସୁବ୍ରତ ପାଲଙ୍କ ସହ ଆଲୋଚନା ପରେ ଜାମିଲଙ୍କ ସହ ପୂର୍ବତନ କୋଚ ଷ୍ଟିଫେନ କନଷ୍ଟାଣ୍ଟାଇନ ଓ ସ୍ଲୋଭାକିଆର ଷ୍ଟେଫାନ ଟାର୍କୋଭିକଙ୍କୁ ସମେତ ତିନି ଜଣିଆ ତାଲିକା ଚୂଡ଼ାନ୍ତ କରିଥିଲା। ଭାରତୀୟ ସଂସ୍କୃତି ଓ ଦଳର ବିକାଶଗତ ଦିଗକୁ ଦୃଷ୍ଟିରେ ରଖି ଦଳର



ଖେଳାଳୀମାନଙ୍କ ସହିତ ଯୋଗାଯୋଗ କରିପାରୁଥିବା ଜାମିଲଙ୍କୁ ଅଗ୍ରାଧିକାର ଦିଆଯାଇଥିଲା।

୪୯ ବର୍ଷୀୟ ଜାମିଲ, ଯିଏ କୁଏତ୍‌ରେ ଜନ୍ମଗ୍ରହଣ କରିଥିଲେ, ୨୦୦୫ରେ ମହିନ୍ଦ୍ରା ୟୁନାଇଟେଡ ସହ ଖେଳାଳି ଓ ୨୦୧୭ରେ ଆଇଜଲ ଏଫସି ସହ କୋଚ ଭାବେ ଭାରତର ଶୀର୍ଷ ଲିଗ ଜିତିଛନ୍ତି। ଏଏଫସି ପ୍ରୋ ଲାଇସେନ୍ସ ଧାରୀ ଜାମିଲ ଆଇ-ଲିଗ୍, ଆଇ-ଲିଗ୍ ୨ ଓ ଆଇଏସଏଲରେ କୋଚିଂ କରିଛନ୍ତି। ୨୦୨୩-୨୪ରେ ଜାମସେଦପୁର ଏଫସିକୁ ସୁପର କପ୍ ସେମିଫାଇନାଲ ଓ ଆଇଏସଏଲ ସେମିଫାଇନାଲରେ ପହଞ୍ଚାଇଥିଲେ।

ଜାମିଲଙ୍କ ପ୍ରଥମ ଚ୍ୟାଲେଞ୍ଜ ହେବ ଚଳିତ ମାସରେ ସିଏଏଫଏ ନେସନ୍ସ କପ୍‌ରେ ଇରାନ ଓ ତାଜିକିସ୍ତାନ ବିପକ୍ଷରେ ଖେଳ। ୧୩୩ତମ ର୍‍ୟାଙ୍କିଙ୍ଗରେ ଥିବା ଭାରତ ଏହି ଟୁର୍ଣ୍ଣାମେଣ୍ଟ ଫିଫା ଉଇଣ୍ଡୋ ବାହାରେ ଖେଳିବ, କିନ୍ତୁ ଦୁରାଣ୍ଡ କପ୍ ଓ ଟୁର୍ଣ୍ଣାମେଣ୍ଟ ମଧ୍ୟରେ ଏକ ସପ୍ତାହ ବିରତି ଯୋଗୁଁ ଅଧିକାଂଶ ଖେଳାଳି ଉପଲବ୍ଧ ହେବେ।

ଜାମିଲ ୨୦୨୬ ପର୍ଯ୍ୟନ୍ତ ଜାମସେଦପୁର ଏଫସି ସହ ଚୁକ୍ତିବଦ୍ଧ ରହିଛନ୍ତି ଏବଂ ୨୦୨୫ ଡୁରାଣ୍ଡ କପ ଶେଷ ହେବା ପର୍ଯ୍ୟନ୍ତ ସେଠାରେ ରହିବେ ବୋଲି ଆଶା କରାଯାଉଛି।

# ପ୍ରଥମ ଟି୨୦ ଜିତିଲା ପାକିସ୍ତାନ

**ଫ୍ଲୋରିଡା**

ସ୍ୟାମ ଆୟୁବଙ୍କ ଅଲରାଉଣ୍ଡ ପ୍ରଦର୍ଶନ ଓ ମହମ୍ମଦ ନୱାଜଙ୍କ ୩ ଉଇକେଟ ସଫଳତା ବଳରେ ପାକିସ୍ତାନ ୧୪ ରନରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌କୁ ଜିତି ନେଇଛି। ପାକିସ୍ତାନ ପକ୍ଷରୁ ଧାର୍ଯ୍ୟ ୧୭୯ ରନର ଟାର୍ଗେଟର ପିଛା କରି ୱେଷ୍ଟଇଣ୍ଡିଜ ୭ ଉଇକେଟ ହରାଇ ୧୬୪ ରନ କରିବାକୁ ସକ୍ଷମ ହୋଇଥିଲା। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଆୟୁବଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଏହି ବିଜୟ ସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ପାକିସ୍ତାନ ୧-୦ରେ ଆଗରେ ରହିଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ୩ ତାରିଖରେ ସମାନ ଭେନ୍ୟୁରେ ଖେଳାଯିବ। ପାଇ ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୨୦ ଓଭରରେ ୬ ଉଇକେଟ ହରାଇ ୧୭୮ ରନ୍ କରିଥିଲା। ଦଳ ପାଇଁ ଆୟୁବ ୫୮ (୫ ଚୌକା ଓ ୨ ଛକା), ଫଖର ଜାମନ ୨୮ (୨ ଚୌକା ଓ ୧ ଛକା) ଓ ହାସନ ନୱାଜ ୨୪ (୧ ଚୌକା ଓ ୨ ଛକା) ରନ୍ କରିଥିଲେ।

ୱେଷ୍ଟଇଣ୍ଡିଜ ଲାଗି ବୋଲିଂରେ ଶାମର ଯୋଶେଫ ୩ ଉଇକେଟ ନେଇଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ଶେଷ ପର୍ଯ୍ୟନ୍ତ ଖେଳିବା ସତ୍ତ୍ୱେ ୭ ଉଇକେଟ ହରାଇ ୧୬୪ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଜନସନ ଚାର୍ଲସ ୩୫ (୨ ଲେଖାଏ ଚୌକା ଓ ଛକା), ଜେୱେଲ ଆଣ୍ଡ୍ରୁ ୩୫ (୧ ଚୌକା ଓ ୩ ଛକା), ଜାସନ ହୋଲ୍ଡର ୩୦ (୪ ଛକା) ଓ ଶାମର ୨୧ (୧ ଚୌକା ଓ ୨ ଛକା) ରନ କରିଥିଲେ। ପାକିସ୍ତାନ ପାଇଁ ମହମ୍ମଦ ନୱାଜ ୩ ଓ ଆୟୁବ ୨ ଉଇକେଟ୍ ନେଇଥିଲେ।

# ଏସୀୟ ଜୁନିଅର ଉସୁ ଚାମ୍ପିଅନସିପ୍‌ରେ ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲର ଶ୍ୱେତାଙ୍କୁ ବ୍ରୋଞ୍ଜ




**ଯୋଡ଼ା, ନ୍ୟୁଜ୍‌ବ୍ୟୁରୋ**

ଚୀନ୍‌ରେ ଆୟୋଜିତ ଦ୍ୱାଦଶ ଏସୀୟ ଜୁନିଅର ଉସୁ ଚାମ୍ପିଅନସିପ୍‌ରେ ଚମତ୍କାର ପ୍ରଦର୍ଶନ କରିବା ସହ ୪୮ କେଜି ବର୍ଗରେ ବ୍ରୋଞ୍ଜ ପଦକ ଜିତି ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲର ଶ୍ୱେତାରାଣୀ ମହାନ୍ତ ଦେଶ ପାଇଁ ଗୌରବ ଆଣିଛନ୍ତି। ଏହି ପଦକ ଜିତିବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ରାଜ୍ୟ କ୍ରୀଡ଼ା ବିଭାଗ, କେନ୍ଦୁଝର ଜିଲ୍ଲା ଉସୁ ଆସୋସିଏସନ ଏବଂ ଉସୁ ଆସୋସିଏସନ ଅଫ୍ ଓଡ଼ିଶା ଶ୍ୱେତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ପାରିପାର୍ଶ୍ୱିକ ଅଞ୍ଚଳରେ କୃଷି, ସ୍ୱାସ୍ଥ୍ୟ, କ୍ରୀଡ଼ା ଓ ସଂସ୍କୃତିର ବିକାଶ ପାଇଁ ଫାଉଣ୍ଡେସନ କାର୍ଯ୍ୟ କରିଆସୁଛି। ସ୍ଥାନୀୟ ଅଞ୍ଚଳର କ୍ରୀଡ଼ା ପ୍ରତିଭାଙ୍କ ବିକାଶ ପାଇଁ ଫାଉଣ୍ଡେସନର ପ୍ରୋତ୍ସାହନରେ ଏହି ସ୍ପୋର୍ଟସ ହଷ୍ଟେଲ ପ୍ରତିଷ୍ଠିତ ହୋଇଛି। ଏହି ହଷ୍ଟେଲରେ ଶ୍ୱେତାରାଣୀଙ୍କ ସମେତ, ପ୍ରେମ, ରାଜକୁମାର, ବବଲୁ, ମଞ୍ଜୁ ମୁଣ୍ଡା ମଧ୍ୟ ପ୍ରଶିକ୍ଷିତ ହୋଇ ବ୍ରାଜିଲ, ବ୍ରୁନେଇ ଓ ମସ୍କୋରେ ଆୟୋଜିତ ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ରୌପ୍ୟ ଓ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଫାଉଣ୍ଡେସନ ପକ୍ଷରୁ ଦେଶର ୩୦ ହଜାର ଗ୍ରାମୀଣ ଓ ଆଦିବାସୀ ପ୍ରତିଭାଙ୍କୁ ସାମରିକ କଳା, ମହିଳା ଓ ପୁରୁଷ ହକି, ମହିଳା ଓ ପୁରୁଷ ଫୁଟବଲ, କବାଡ଼ି, ଖୋ-ଖୋ, ତୀରନ୍ଦାଜୀ ଓ କ୍ରିକେଟରେ ଭବିଷ୍ୟତ ନିର୍ମାଣ ପାଇଁ ପ୍ରୋତ୍ସାହିତ କରାଯାଉଛି।

# ୫ମ ଟେଷ୍ଟ : ଇଂଲଣ୍ଡ ୨୪୭ରେ ଅଲଆଉଟ୍



**ଓଭାଲ**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଓଭାଲରେ ପଞ୍ଚମ ତଥା ଶେଷ ଟେଷ୍ଟ ମ୍ୟାଚ୍ ଖେଳାଯାଉଛି। ପ୍ରଥମ ଇନିଂସରେ ଇଂଲଣ୍ଡ ୨୪୭ ରନରେ ଅଲ୍‌ଆଉଟ ହୋଇଯାଇଛି। ଇଂଲଣ୍ଡ ବିପକ୍ଷରେ ଭାରତ ପାଇଁ ମହମ୍ମଦ ସିରାଜ ଓ ପ୍ରସିଦ୍ଧ କୃଷ୍ଣା ଚାରୋଟି ଲେଖାଏଁ ୱିକେଟ ନେଇଥିଲେ। ଅନ୍ୟପଟେ ଆକାଶଦୀପଙ୍କୁ ଗୋଟିଏ ସଫଳତା ମିଳିଛି। ପ୍ରଥମ ଇନିଂସ ବଳରେ ଇଂଲଣ୍ଡ ୨୩ ରନ୍‌ରେ ଆଗରେ ରହିଛି।

ଇଂଲଣ୍ଡ ପାଇଁ ଜ୍ୟାକ କ୍ରାଉଲି ଓ ବେନ ଡକେଟ ଭଲ ଆରମ୍ଭ ଦେଇଥିଲେ। ଦୁଇ ଜଣଙ୍କ ମଧ୍ୟରେ ପ୍ରଥମ ୱିକେଟ ପାଇଁ ୯୨ ରନ ସହଭାଗୀତା ହୋଇଥିଲା। ଡକେଟଙ୍କୁ ଆଉଟ କରି ଭାରତକୁ ପ୍ରଥମ ସଫଳତା ଦେଇଥିଲେ ଆକାଶଦୀପ। ଏହାପରେ ଦ୍ୱିତୀୟ ୱିକେଟ ପାଇଁ ଓଲି ପୋପ ଏବଂ କ୍ରାଉଲିଙ୍କ ମଧ୍ୟରେ ୩୭ ରନ ପାର୍ଟନରସିପ୍ ହୋଇଥିଲା। କ୍ରାଉଲି ୫୭ ବଲରେ ୬୪ ରନ କରିବା ପରେ ଆଉଟ ହୋଇଥିଲେ। ପ୍ରସିଦ୍ଧ କୃଷ୍ଣ ତାଙ୍କୁ ପ୍ୟାଭିଲିୟନର ରାସ୍ତା ଦେଖାଇଥିଲେ।

ଦ୍ୱିତୀୟ ସେସନରେ ବୋଲରମାନଙ୍କ ବଳରେ ଭାରତ ଜୋରଦାର କମ୍‌ବ୍ୟାକ୍ କରିଥିଲା। ମହମ୍ମଦ ସିରାଜ ଏବଂ ପ୍ରସିଦ୍ଧ କୃଷ୍ଣ ଏହି ସେସନରେ ତିନୋଟି ଲେଖାଏଁ ୱିକେଟ ନେଇ ଇଂଲଣ୍ଡକୁ ବ୍ୟାକ୍‌ଫୁଟ୍‌ରେ ପକାଇଥିଲେ। ଏହି ସେସନରେ କ୍ରାଉଲିଙ୍କ ପରେ, ଓଲି ପୋପ (୨୨), ଜୋ ରୁଟ୍ (୨୯), ଜାକବ ବେଥେଲ (୬), ଜେମି ସ୍ମିଥ (୮), ଜେମି ଓଭରଟନ (୦) ୱିକେଟ ହରାଇଥିଲେ। ତୃତୀୟ ସେସନରେ ଇଂଲଣ୍ଡ ଅଗ୍ରଣୀ ହାସଲ କରିଥିଲା, କିନ୍ତୁ ବିଶେଷ କିଛି କରିପାରି ନଥିଲା। ଗସ ଆଟକିନସନ ୧୧ ଏବଂ ହ୍ୟାରି ବ୍ରୁକ ୫୩ ରନ କରି ଆଉଟ ହୋଇଥିଲେ। ଜୋଶ ଟଙ୍ଗ ଖାତା ଖୋଲି ନପାରି ଅପରାଜିତ ରହିଥିଲେ। କ୍ରିସ ୱୋକ୍ସ ଆଘାତ ଯୋଗୁଁ ପୂର୍ବରୁ ଆଉଟ ହୋଇଯାଇଥିଲେ। ଏହି କାରଣରୁ ଇଂଲଣ୍ଡ ନଅ ଜଣ ବ୍ୟାଟରଙ୍କୁ ନେଇ ଖେଳିଥିଲା।

# ଲିଓନେଲ ମେସି ଖେଳିବେ କ୍ରିକେଟ : ଡିସେମ୍ବରରେ ଧୋନି-କୋହଲିଙ୍କ ବିପକ୍ଷେ ମୁମ୍ବାଇରେ ମ୍ୟାଚ୍

**ମୁମ୍ବାଇ**

ଆର୍ଜେଣ୍ଟିନାର ଫୁଟବଲ ତାରକା ଲିଓନେଲ ମେସି ଡିସେମ୍ବର ୧୪ରେ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଏକ ସାତ-ଜଣିଆ କ୍ରିକେଟ ମ୍ୟାଚ୍‌ରେ ଏମଏସ ଧୋନି ଓ ବିରାଟ କୋହଲିଙ୍କ ବିପକ୍ଷେ ଖେଳିବେ ବୋଲି ସୂଚନା ମିଳିଛି। ଏହି ମ୍ୟାଚ୍‌ରେ ସଚିନ ତେନ୍ଦୁଲକର ଓ ରୋହିତ ଶର୍ମା ମଧ୍ୟ ଅଂଶଗ୍ରହଣ କରିପାରନ୍ତି। ଏକ ଇଭେଣ୍ଟ ଏଜେନ୍ସି ମୁମ୍ବାଇ କ୍ରିକେଟ ଆସୋସିଏସନ (ଏମସିଏ)କୁ ଡିସେମ୍ବର ୧୪ ପାଇଁ ଷ୍ଟାଡିୟମ ବୁକ କରିବାକୁ ଅନୁରୋଧ କରିଛି। ମେସି ଏହି ସମୟରେ ଭାରତର ପ୍ରମୋସନାଲ ଟୁର୍‌ରେ ମୁମ୍ବାଇ ସହ ନୂଆଦିଲ୍ଲୀ ଓ କୋଲକାତା ଗସ୍ତ କରିବେ। ଏହା ତାଙ୍କର ଦ୍ୱିତୀୟ ଭାରତ ଗସ୍ତ, ଯାହା ୨୦୧୧ରେ କୋଲକାତାରେ ଭେନେଜୁଏଲା ବିପକ୍ଷେ ଫ୍ରେଣ୍ଡଲି ମ୍ୟାଚ୍ ପରେ ୧୪ ବର୍ଷ ପରେ ହେଉଛି। ବର୍ତ୍ତମାନ ମେସି ଇଣ୍ଟର ମିଆମିରେ ଖେଳୁଛନ୍ତି ଓ ୨୦୨୬ ଫିଫା ବିଶ୍ୱକପ ପାଇଁ ପ୍ରସ୍ତୁତ ହେଉଛନ୍ତି।



# ବାଲେଶ୍ୱର ଜିଲ୍ଲାର ରାଜ୍ୟ ହକି ଚାମ୍ପିଅନ-୨୦୨୫ ଚୟନ ପ୍ରକ୍ରିୟା ବୈଠକ



**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ତଥା ଏକ୍ସ-ଅଫି ସିଓ, ସମ୍ପାଦକ ସୁଧାକର ନାୟକଙ୍କ ଅଧ୍ୟକ୍ଷତାରେ ତାଙ୍କର କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବାଲେଶ୍ୱର ଜିଲ୍ଲାର ହକି ଆସୋସିଏସନର ସମସ୍ତ ସଦସ୍ୟମାନେ ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏଥିରେ ଆଗାମୀ ଦିନରେ ରାଜ୍ୟ ସ୍ତରୀୟ ହକି ପ୍ରତିଯୋଗିତା-୨୦୨୫ରେ ବାଲେଶ୍ୱର ଜିଲ୍ଲାରୁ ଅଂଶ ଗ୍ରହଣ କରିବା ପାଇଁ ବିଭିନ୍ନ ବର୍ଗରୁ ବାଳକ/ବାଳିକା ଚୟନ ପ୍ରକ୍ରିୟା ପାଇଁ ଆଲୋଚନା ହୋଇଥିଲା। ଏହି ରାଜ୍ୟ ସ୍ତରୀୟ ହକି ଚାମ୍ପିଅନ-୨୦୨୫ ଆସନ୍ତା ଅଗଷ୍ଟ ମାସ ୪ ତାରିଖ ଠାରୁ ଆସନ୍ତା ୩ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ବିର୍ସା ମୁଣ୍ଡା ଇଣ୍ଟରନ୍ୟାସନାଲ ହକି ଷ୍ଟାଡ଼ିୟମ୍, ରାଉରକେଲା ଠାରେ ଅନୁଷ୍ଠିତ ହେବାକୁ ଥିବା ବେଳେ ୩ ଗୋଟି ବର୍ଗରେ ସିନିୟର, ଜୁନିଅର ଏବଂ ସବ୍- ଜୁନିଅର ବାଳକ/ ବାଳିକା ଚୟନ ପାଇଁ ବାଲେଶ୍ୱର ଜିଲ୍ଲାର ଭୀମପୁରାସ୍ଥିତ କ୍ରୀଡ଼ା ଛାତ୍ରାବାସ ପଡ଼ିଆରେ ଆୟୋଜନ ପାଇଁ ସ୍ଥିର କରାଯାଇଛି। ଏଥିପାଇଁ ଆସନ୍ତା ଅଗଷ୍ଟ ୨ ତାରିଖ ଠାରୁ ଇଚ୍ଛୁକ ବାଳକ/ବାଳିକା ସକାଳ ୮ଘଟିକା ଠାରୁ ନିଜ ନିଜର ବୟସ ପ୍ରମାଣ ପତ୍ର ଚୟନ ପ୍ରକ୍ରିୟାରେ ସାମିଲ ହେବାକୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ନାୟକ ଅବଗତ କରିଛନ୍ତି।

# ପିଏମ୍-କିଷାନ : କୃଷକ ସଶକ୍ତିକରଣ ଏବଂ ଗ୍ରାମାଞ୍ଚଳ ଅର୍ଥନୀତିର ରୂପାନ୍ତରଣ ନିମନ୍ତେ ଭାରତର ବୈଶ୍ୱିକ ବ୍ଲୁପ୍ରିଣ୍ଟ



ଡକ୍ଟର ପ୍ରମୋଦ ମେହେର୍ଦ୍ଦା
ଅତିରିକ୍ତ ସଚିବ ଏବଂ ଅରିନ୍ଦମ ମୋଦକ, ଉପଦେଷ୍ଟା, କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାର

ଦେଶର ସମାବେଶୀ ବିକାଶ ଏବଂ ଗ୍ରାମୀଣ ସମୃଦ୍ଧି ଯାତ୍ରାକୁ ଅଧିକ ତ୍ୱରାନ୍ୱିତ କରିବା ସକାଶେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି (ପିଏମ୍-କିଷାନ) ଏକ ବିରାଟ ଉପକ୍ରମ ଭାବେ ଭାରତ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତନ କରାଯାଉଛି। ୨୦୧୯ ମସିହା ଫେବୃଆରୀ ୨୪ ତାରିଖ ଦିନ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାର ଶୁଭାରମ୍ଭ କରିଛନ୍ତି। ଦେଶର କୋଟି କୋଟି କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ଜୀବନଧାରଣ ଉପରେ ଏହା ବ୍ୟାପକ ପ୍ରଭାବ ପକାଇଛି ଏବଂ ସେମାନଙ୍କୁ ସଂପୂର୍ଣ୍ଣ ରୂପେ ଏକ ଡିଜିଟାଲ, ସକ୍ରିୟ ଏବଂ ସ୍ୱଚ୍ଛ ବ୍ୟବସ୍ଥା ମାଧ୍ୟମରେ ପ୍ରତ୍ୟକ୍ଷ ଉପାର୍ଜନ ସହାୟତା ଯୋଗାଇ ଦିଆଯାଉଛି।

**ପ୍ରତ୍ୟକ୍ଷ ସହାୟତା ମାଧ୍ୟମରେ କୃଷକ ସଶକ୍ତିକରଣ :** ପିଏମ୍-କିଷାନ ଯୋଜନାର ମୂଳରେ ରହିଛି ବର୍ଷକୁ ପ୍ରତ୍ୟେକ ଯୋଗ୍ୟ କୃଷକ ପରିବାରକୁ ୬ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ। ଏହାକୁ ପ୍ରତ୍ୟକ୍ଷ ଭାବେ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତରଣ (ଡିବିଟି) ଜରିଆରେ ୨ ହଜାର ଟଙ୍କା ଲେଖାଏଁ ତିନୋଟି ସମାନ କିସ୍ତିରେ ପ୍ରଦାନ କରାଯାଇଥାଏ। ଏହା ସୁସଂହତ, ପ୍ରଯୁକ୍ତି ଦ୍ୱାରା ପରିଚାଳିତ ଏକ ଉପକ୍ରମ, ଯେଉଁଥିରେ କୌଣସି ମଧ୍ୟବର୍ତ୍ତୀ ବ୍ୟବସ୍ଥା, ବିଳମ୍ବ କିମ୍ବା ବାଟମାରଣାର ଅବସର ନାହିଁ। ଏହା ପ୍ରତିଟି ଟଙ୍କାକୁ ଉଦ୍ଦିଷ୍ଟ ହିତାଧିକାରୀଙ୍କ ନିକଟରେ ତୁରନ୍ତ ପହଞ୍ଚାଇଥାଏ।

ଏହି ଯୋଜନା କାର୍ଯ୍ୟକାରୀ ହେବା ଦିନଠାରୁ ଏବେ ସୁଦ୍ଧା ପ୍ରାୟ ୩.୬୯ ଲକ୍ଷ କୋଟି ଟଙ୍କା ହସ୍ତାନ୍ତର କରାଯାଇ ସାରିଛି, ଯାହାକି ପିଏମ୍-କିଷାନକୁ ବିଶ୍ୱର ସର୍ବବୃହତ ଡିଜିଟାଲ ବ୍ୟବସ୍ଥା ମାଧ୍ୟମରେ ନଗଦ ରାଶି ହସ୍ତାନ୍ତରଣ କରାଯାଉଥିବା ବ୍ୟବସ୍ଥାର ମାନ୍ୟତା ପ୍ରଦାନ କରିଛି। କେବଳ ସଂଖ୍ୟା ଦୃଷ୍ଟିରୁ ନୁହେଁ, ଏହା ବ୍ୟବସ୍ଥା ଦୃଷ୍ଟିରୁ ମଧ୍ୟ ସଂପୂର୍ଣ୍ଣ ଭିନ୍ନ। ସବ୍‌ସିଡିଠାରୁ ଆରମ୍ଭ କରି ସଶକ୍ତିକରଣ ପର୍ଯ୍ୟନ୍ତ ଏହି ବ୍ୟବସ୍ଥା କୃଷକମାନଙ୍କୁ ସେମାନଙ୍କର ସହାୟତା ରାଶି କିପରି ବ୍ୟବହାର କରାଯିବ ତାହା ବିହନ ପାଇଁ କିମ୍ବା ଉପକରଣ ଲାଗି ଅଥବା ଶିକ୍ଷା ବା ସ୍ୱାସ୍ଥ୍ୟପାଇଁ ବ୍ୟୟ କରାଯିବ, ସେଥି ନିମନ୍ତେ କୃଷକମାନଙ୍କୁ ସବୁପ୍ରକାର ସ୍ୱାଧୀନତା ପ୍ରଦାନ କରିଥାଏ।

**ଭାରତର କ୍ଷୁଦ୍ରଚାଷୀମାନଙ୍କ ପାଇଁ ଏକ ଅଭିନବ ଉପକ୍ରମ :** ଭାରତର ମୋଟ କୃଷକଙ୍କ ସଂଖ୍ୟାର ପ୍ରାୟ ୮୫ ପ୍ରତିଶତରୁ ଅଧିକ କ୍ଷୁଦ୍ର ବା ନାମମାତ୍ର ଚାଷୀ। ସେମାନଙ୍କ ନିକଟରେ ୨ ଏକରରୁ କମ୍ ଚାଷଜମି ରହିଛି। ଏହା ସେମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସହାୟତା ଲାଭରେ ବେଳେବେଳେ ସମସ୍ୟା ସୃଷ୍ଟି କରିଥାଏ। ବିଶେଷକରି ଧାନ ବୁଣା ଓ ରୁଆ କିମ୍ବା ଅମଳ ଋତୁରେ ସେମାନେ ଆର୍ଥିକ ଅନଟନର ସମ୍ମୁଖୀନ ହୋଇଥାନ୍ତି। ତେଣୁ ସେମାନଙ୍କୁ ସ୍ୱଳ୍ପକାଳୀନ ଅର୍ଥ ଯୋଗାଣ ଜନିତ ଚାପ ଏବଂ ଅଣ ଆନୁଷ୍ଠାନିକ ଋଣ ଉପରେ ନିର୍ଭରଶୀଳ ହେବାକୁ ପଡ଼ିଥାଏ। ସେମାନଙ୍କର ଏଭଳି ଆର୍ଥିକ ନିଅଣ୍ଟ ସମୟରେ ଏକ ସୁରକ୍ଷା ପ୍ରଦାନ ନିମନ୍ତେ ଉଦ୍ଦିଷ୍ଟ। ଆର୍ଥିକ ସହାୟତାଠାରୁ ବଳି ପିଏମ୍-କିଷାନ ଅଧିକ ସମାଯୋଜନ, ମର୍ଯ୍ୟାଦା ପ୍ରଦାନ ଏବଂ କୃଷକମାନଙ୍କୁ ରାଷ୍ଟ୍ର ନିର୍ମାଣରେ ସହଭାଗୀ ରୂପେ ସ୍ୱୀକୃତି ପ୍ରଦାନ କରିଥାଏ।

**ଡିଜିଟାଲ ଗଭର୍ଣ୍ଣାସର ଜୟଯାତ୍ରା :** ପିଏମ୍-କିଷାନର ଅଧିକତର ସଫଳତା ଭାରତର ବିଶାଳ ଡିଜିଟାଲ ସଂସାଧନ ଯୋଗୁ ସମ୍ଭବପର ହୋଇପାରିଛି। ଜାମ୍ ତ୍ରୟୀ- ଜନଧନ ବ୍ୟାଙ୍କ ଆକାଉଣ୍ଟ, ଆଧାର, ବାୟୋମେଟ୍ରିକ ପରିଚୟପତ୍ର ଏବଂ ମୋବାଇଲ ସଂଯୋଗୀକରଣ ଏହି ବ୍ୟବସ୍ଥା ଜରିଆରେ ବ୍ୟାପକ ମାତ୍ରାରେ ନିରନ୍ତର ସୁବିଧାରାଶି ଯୋଗାଣକୁ ସକ୍ଷମ କରାଇପାରିଛି। ଆତ୍ମ ପଞ୍ଜିକରଣଠାରୁ ଆରମ୍ଭ କରି ଜମି ମାଲିକାନା ତନଖି ଏବଂ ଡିବିଟି-ସକ୍ଷମ ପେମେଣ୍ଟ ଏହି ଯୋଜନାର ସମଗ୍ର ଜୀବନଚକ୍ରକୁ ଡିଜିଟାଲ ରୂପ ପ୍ରଦାନ କରିଛି।

ରାଜ୍ୟ ସରକାରମାନଙ୍କଠାରୁ ଉପଯୁକ୍ତ ସହାୟତା ମିଳିବା ଫଳରେ ପିଏମ୍-କିଷାନ ଏକ ଡିଜିଟାଲ ସମନ୍ୱିତ ଆମୂଳଚୂଳ ମଡେଲ ଗଭର୍ଣ୍ଣାନ୍ସ ବ୍ୟବସ୍ଥା ଭାବେ କାର୍ଯ୍ୟ କରୁଛି। ଏହା ସଫଳତାର ସହିତ ଜମିଜମା ରେକର୍ଡପତ୍ର, ହିତାଧିକାରୀମାନଙ୍କ ଡାଟାବେସ୍ ଏବଂ ପେମେଣ୍ଟ ବ୍ୟବସ୍ଥାକୁ ବିଭିନ୍ନ ସ୍ଥାନରେ ସମନ୍ୱିତ କରିପାରିଛି। ପରିଣାମ ସ୍ୱରୂପ ଏଭଳି ଏକ କୃଷକ କୈନ୍ଦ୍ରିକ ବ୍ୟବସ୍ଥା ବିଶ୍ୱର ଅନ୍ୟ କୌଣସି ସ୍ଥାନରେ ପରିଲକ୍ଷିତ ହୁଏନାହିଁ।

ପିଏମ୍-କିଷାନ କୃଷି ବ୍ୟବସ୍ଥାକୁ ଏକ ଅଭିନବ ପ୍ରକଳ୍ପ ରୂପେ ପ୍ରୋତ୍ସାହିତ କରି ଆସୁଛି। ଏହିସବୁ ପ୍ରୋତ୍ସାହନ ମଧ୍ୟରେ କିଷାନ-ଇମିତ୍ର ସ୍ୱର ଆଧାରିତ ଚାର୍ଟବୋର୍ଡ ଏବଂ ଏଗ୍ରି ଷ୍ଟାର୍ଟ ଆଦି ଅନ୍ୟତମ। ଏଗ୍ରି ଷ୍ଟାର୍ଟ ବ୍ୟବସ୍ଥା ବ୍ୟକ୍ତିଗତ ଭାବେ ସମୟୋଚିତ ଢଙ୍ଗରେ ଏବଂ ସ୍ୱଚ୍ଛସେବା ଜରିଆରେ ସମସ୍ତଙ୍କୁ ସେମାନଙ୍କର ଆବଶ୍ୟକ ସହାୟତା ଯୋଗାଇ ଦେଉଛି। ଫଳରେ ଭାରତୀୟ କୃଷି ବ୍ୟବସ୍ଥା ଭବିଷ୍ୟତର ସମସ୍ତ ଚାଲେଞ୍ଜକୁ ମୁକାବିଲା କରିବା ଦିଗରେ ସକ୍ଷମ ହୋଇପାରିଛି।

**ବୈଶ୍ୱିକ ମାନ ନିର୍ଦ୍ଧାରଣ :** ସମଗ୍ର ବିଶ୍ୱରେ ବର୍ତ୍ତମାନ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତରଣ କାର୍ଯ୍ୟକ୍ରମ ଦିନକୁ ଦିନ ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ଏକ ସଫଳ ସାଧନ ଭାବେ ସ୍ୱୀକୃତି ଲାଭ କରିବାକୁ ଲାଗିଛି। ତଥାପି ପିଏମ୍-କିଷାନ ଏ ଦିଗରେ ଆହୁରି ଅଭିନବ ସୁବିଧାମାନ ପ୍ରଦାନ କରିଥାଏ। ଏହାର ମାତ୍ରା, ବେଗ ଏବଂ ଡିଜିଟାଲ ସମନ୍ୱୟ ଏହାକୁ ଏକ ପୁନଃ କାର୍ଯ୍ୟକ୍ଷମ ମଡେଲରେ ପରିଣତ କରିଛି। ଯେଉଁ ଦେଶମାନେ ସେମାନଙ୍କର କ୍ଷୁଦ୍ର କୃଷି ସହାୟକ ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ଆଗ୍ରହୀ, ସେମାନଙ୍କ ପାଇଁ ଏହା ଅଧିକ ଉପକାରସିଦ୍ଧ ହୋଇଛି।

ଆଇ.ଏଫ.ପି.ଆର.ଆଇ, ବିଶ୍ୱ ଖାଦ୍ୟ ସଂଗଠନ, ଅନ୍ତରାଷ୍ଟ୍ରୀୟ କୃଷି ଗବେଷଣା ଆୟୋଗ ଏବଂ ଇକ୍ରିସାଟ୍ ଭଳି ଅନ୍ତର୍ଜାତୀୟ ଅନୁଷ୍ଠାନ ପିଏମ-କିଷାନର ଭୂମିକାକୁ କ୍ଷୁଦ୍ର ଚାଷୀମାନଙ୍କ ଉପାର୍ଜନ ବୃଦ୍ଧି ନିମନ୍ତେ ଏକ ସଫଳ ସାଧନ ବୋଲି ଗୁରୁତ୍ୱାରୋପ କରିଛନ୍ତି। ଏଥିସହିତ ଏହି ବର୍ଗର ଚାଷୀମାନଙ୍କୁ ଋଣ ଯୋଗାଣ ବ୍ୟବସ୍ଥାରେ ଉନ୍ନତି, ଅସମାନତା ହ୍ରାସ ଏବଂ ଆଧୁନିକ କୃଷି ପଦ୍ଧତି ଅବଲମ୍ବନକୁ ପ୍ରୋତ୍ସାହିତ କରିବାରେ ମଧ୍ୟ ସହାୟକ ହୋଇ ଆସିଛି। ଏହା ଏକ ନ୍ୟାସ ଆଧାରିତ ସର୍ତ୍ତହୀନ କାର୍ଯ୍ୟକ୍ରମ। ଯାହା ଅନେକ ରାଷ୍ଟ୍ରରେ ସର୍ତ୍ତମୂଳକ ଅର୍ଥ ପ୍ରଦାନ ବ୍ୟବସ୍ଥାର ପରିପନ୍ଥୀ। ତେଣୁ ପିଏମ-କିଷାନ କେବଳ ସହଭାଗୀ ନୁହେଁ, ଏକ ଗରିମାବୃଦ୍ଧି ଆଧାରିତ କଲ୍ୟାଣକର ଯୋଜନାକୁ କାର୍ଯ୍ୟକାରୀ କରିବା ଦିଗରେ ଏକ ବିରାଟ ଉପକ୍ରମ।

**ଗ୍ରାମାଞ୍ଚଳ ବିକାଶର ପ୍ରେରକ :** ପିଏମ-କିଷାନ ଯୋଜନାର ସକାରାତ୍ମକ ପ୍ରଭାବ ବ୍ୟକ୍ତିଗତ ହିତାଧିକାରୀମାନଙ୍କ ଠାରୁ ଢେର ଅଧିକ। ଏକ ଆକଳନଯୋଗ୍ୟ ରାଶିର ସମାଯୋଜନ ଗ୍ରାମୀଣ ବଜାର ତଥା କୃଷି ଇନପୁଟ ଚାହିଦାକୁ ପ୍ରୋତ୍ସାହନ ପ୍ରଦାନ ଏବଂ ସୁଦୃଢ଼ ଘରୋଇ ଖାଉଟି ବ୍ୟବସ୍ଥାକୁ ଗୋଟିଏ ପ୍ଲାଟଫର୍ମରେ ସମନ୍ୱିତ କରିଛି। ତେଣୁ ଏହା ମହିଳା ସଶକ୍ତିକରଣ ଏବଂ ବିଶେଷ କରି ଯେଉଁଠାରେ ବ୍ୟାଙ୍କ ଜମାଖାତା ମିଳିତ ଭାବେ ରହିଛି ସେହି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଆସୁଛି।

ଅଧିକନ୍ତୁ ଏହା ଅନ୍ୟ ଫ୍ଲାଗସିପ୍ ଯୋଜନାଗୁଡ଼ିକୁ ମଧ୍ୟ ସହାୟତା କରି ଆସୁଛି। ସେହିସବୁ ଫ୍ଲାଗସିପ୍ ଯୋଜନା ମଧ୍ୟରେ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ, କିଷାନ କ୍ରେଡିଟ କାର୍ଡ, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ଏବଂ ଇ-ନାମ୍ ଅନ୍ତର୍ଭୁକ୍ତ। ଏହା ଫଳରେ ଏକ ସାମଗ୍ରୀକ ଏକ ଆନ୍ତଃ-ସଂଯୋଗୀ ଗ୍ରାମାଞ୍ଚଳ ବ୍ୟବସ୍ଥା ମୁଣ୍ଡ ଟେକିଛି। ପିଏମ୍-କିଷାନ ମାନଧନ ଯୋଜନା ସହିତ ଏହାର ସମାଯୋଜନ ଫଳରେ କୃଷକମାନଙ୍କ ପାଇଁ ପେନସନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଯାହାକି ସାମାଜିକ ନିରାପତ୍ତା କ୍ଷେତ୍ରରେ ଆଉ ଏକ ପାଦ ଆଗୁଆ ବ୍ୟବସ୍ଥା ଭାବେ ଭାରତର କୃଷି ଶ୍ରମଶକ୍ତିକୁ ଏହା ଅଧିକ ମଜବୁତ କରୁଛି।

**ଭବିଷ୍ୟତର ପରିକଳ୍ପନା - ସହନଶୀଳତା, ସମାନତା ଏବଂ ପୋଷଣୀୟତା :** ପିଏମ୍-କିଷାନ ଏକ ଆର୍ଥିକ ସହାୟତା ବ୍ୟବସ୍ଥାଠାରୁ ଢେର ଅଧିକ। ଏହା ଏକ କୃଷକ ନେତୃତ୍ୱାଧୀନ ଅଭିବୃଦ୍ଧି ପରିକଳ୍ପନା, ଯାହା ଭାରତ ସରକାର କାର୍ଯ୍ୟକାରୀ କରି ଆସୁଛନ୍ତି। ଫଳରେ କୃଷକମାନଙ୍କ ଆର୍ଥିକ ସ୍ଥିତିରେ ଏହା ବ୍ୟାପକ ଅଭିବୃଦ୍ଧି ଘଟାଇଛି। ଯୋଗ୍ୟଠାରୁ ସଶକ୍ତିକରଣ ପର୍ଯ୍ୟାୟକୁ ଅଗ୍ରାଧିକାର ପ୍ରଦାନ ଏବଂ ସହାୟତାଠାରୁ ସ୍ୱାୟତ୍ତତା ପର୍ଯ୍ୟନ୍ତ ଏହା ରାଷ୍ଟ୍ର ଏବଂ କୃଷକମାନଙ୍କ ମଧ୍ୟରେ ଥିବା ସଂପର୍କର ସଂଜ୍ଞାକୁ ପୁନଃ ନିରୂପଣ କରେ।

ଭାରତ ଯେତେବେଳେ ୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହେବାକୁ ସ୍ୱପ୍ନ ଦେଖୁଛି, ସେତେବେଳେ ପିଏମ-କିଷାନ ଉପକ୍ରମ ସମାବେଶୀ ବିକାଶର ଏକ ଦୃଢ଼ ମୂଳଦୁଆ ସ୍ଥାପନ କରୁଛି। ଅତ୍ୟାଧୁନିକ ପ୍ରଯୁକ୍ତି ଏବଂ ଜଳବାୟୁ ସହନଶୀଳତା ଉପରେ ନିରନ୍ତର ସମାଯୋଜନ ନିମନ୍ତେ ଦିଆଯାଉଥିବା ଅଗ୍ରାଧିକାର ପୋଷଣୀୟତା ଏବଂ ସାମିତ କୃଷି ଭଳି ଯୋଜନାକୁ ଜନ୍ମ ଦେଇଛି। ଏବଂ ଏହା ପରିବର୍ତ୍ତନର ଏକ ପ୍ରଭାବୀ ଶକ୍ତିରେ ପରିଣତ ହୋଇଛି।

ପିଏମ୍-କିଷାନ ହେଉଛି ଏବଂ ଆସ୍ଥା, ପ୍ରଯୁକ୍ତି ଏବଂ ପରିବର୍ତ୍ତନର ସଫଳ ଗାଥା। ଏହା ବିଶ୍ୱକୁ ଭାରତର ଏକ ଅନବଦ୍ୟ ଅବଦାନ। ଏହା ସମସ୍ତଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି। ଏକ ମହତ୍ୱାକାଂକ୍ଷୀ ଯୋଜନାକୁ କିପରି ଡିଜିଟାଲ ନବସୃଜନ ଏବଂ ରାଜନୈତିକ ଇଚ୍ଛାଶକ୍ତି ସହିତ ଯୋଡ଼ି ଏକବିଂଶ ଶତାବ୍ଦୀରେ କୋଟି କୋଟି କୃଷକଙ୍କୁ ପ୍ରତ୍ୟକ୍ଷ ସହାୟତା ଯୋଗାଇ ଦିଆଯାଇ ପାରିବ ଏବଂ ସୁଶାସନର ସଂଜ୍ଞା ପୁନଃ ନିରୂପଣ କରାଯିବ, ଏ ଦିଗରେ ପିଏମ-କିଷାନର ବିକଳ୍ପ ନାହିଁ।

ଭୁବନେଶ୍ୱର
୦୨ ଅଗଷ୍ଟ,
ଶନିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ସ୍ୱାଧୀନତା ସଂଗ୍ରାମୀଙ୍କୁ ତୁରନ୍ତ ପେନ୍‌ସନ ଦିଅ : ହାଇକୋର୍ଟ

**କଟକ, ୧୮ :ନ୍ୟୁଜ୍‌ବ୍ୟୁରୋ**

ଦେଶର ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରିଥିବା ଜଣେ ଶତାୟୁ ସଂଗ୍ରାମୀଙ୍କୁ ଏ ପର୍ଯ୍ୟନ୍ତ ପେନସନ ପ୍ରଦାନ କରାନଯିବା ଘଟଣାକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି। ଆଉ ବିଳମ୍ବ ନକରି ୬ ସପ୍ତାହ ଭିତରେ ୧୦୧ ବର୍ଷୀୟ ସ୍ୱାଧୀନତା ସଂଗ୍ରାମୀଙ୍କୁ ପେନସନ ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାଧୀନତା ପାଇଁ ଦେଇଥିବା ବଳିଦାନ ଲାଗି ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ମାନ ପ୍ରଦାନ କରିବା ସରକାରଙ୍କ ବିଧିସମ୍ମତ କର୍ତ୍ତବ୍ୟ ବୋଲି ହାଇକୋର୍ଟ କହିଛନ୍ତି। ୨୦୦୨, ଅକ୍ଟୋବର ୯ର ବିଜ୍ଞପ୍ତି ଅନୁସାରେ ସବୁ ଦୃଷ୍ଟିରୁ ଯୋଗ୍ୟ ଆବେଦନକାରୀ ସ୍ୱାଧୀନତା ସଂଗ୍ରାମୀ ପେନସନ ପାଇବାକୁ ଯୋଗ୍ୟ। ତେଣୁ ଆବେଦନକାରୀଙ୍କୁ ସ୍ୱାଧୀନତା ସଂଗ୍ରାମୀ ପେନସନ ପ୍ରଦାନ କରିବାକୁ ସରକାରଙ୍କୁ ହାଇକୋର୍ଟ



ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ବ୍ରହ୍ମାନନ୍ଦ ଜେନାଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ଶ୍ରୀ ଜେନା ଭାରତଛାଡ଼ ଆନ୍ଦୋଳନରେ ଭାଗ ନେଇଥିଲେ। ଏଥିପାଇଁ ୧୯୪୨-୪୩ରେ ସେ ଏକ ବର୍ଷରୁ ଅଧିକ ସମୟ ଆତ୍ମଗୋପନ କରି ରହିଥିଲେ। ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ମଧ୍ୟ ଶ୍ରୀ ଜେନାଙ୍କୁ ପେନସନ ମିଳିନଥିଲା। ଭାରତ ସରକାରଙ୍କ ସ୍ୱାଧୀନତା ସଂଗ୍ରାମୀ ପେନସନ ଯୋଜନା ଅନୁସାରେ ସେ ପେନସନ ପାଇଁ ୧୯୮୧ରେ ଆବେଦନ କରିଥିବା ବେଳେ ଏହାକୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ରାଜ୍ୟ ସରକାରଙ୍କ ନିକଟକୁ ପଠାଇଥିଲେ। କିନ୍ତୁ କିଛି ସୁଫଳ ମିଳିନଥିଲା। ୧୯୮୯ରେ ଶ୍ରୀ ଜେନା ରାଜ୍ୟ ସରକାରଙ୍କ ନିକଟରେ ପେନସନ ପାଇଁ ଆବେଦନ କରିଥିଲେ। ୨୦୦୨ର ଭୋଟର ତାଲିକାରେ ଆବେଦନ-କାରୀଙ୍କ ସଂକ୍ରାନ୍ତରେ ରହିଥିବା ତଥ୍ୟ ସଂପୂର୍ଣ୍ଣ ଠିକ୍ ବୋଲି କଟକ ଜିଲ୍ଲା ନିର୍ବାଚନ ଅଧିକାରୀ ୨୦୧୯, ଡିସେମ୍ବର ୩୧ରେ କଟକ ଉପଜିଲ୍ଲାପାଳଙ୍କ ନିକଟରେ ରିପୋର୍ଟ ଦାଖଲ କରିଥିଲେ। ଏଥି ସହିତ ୨୦୦୨ର ଗାଇଡ୍‌ଲାଇନ୍ ଅନୁସାରେ ସବୁ ଦୃଷ୍ଟିରୁ ଯୋଗ୍ୟ ଆବେଦନକାରୀଙ୍କୁ ସ୍ୱାଧୀନତା ସଂଗ୍ରାମୀ ପେନସନ ପ୍ରଦାନ କରାନଯିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ରଥ କାଠ ପାଇଁ ସୃଷ୍ଟି ହେବ ରଥ ବାଟିକା

**ଭୁବନେଶ୍ୱର, ୧୮**
**ନ୍ୟୁଜ୍‌ବ୍ୟୁରୋ**

ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୁକ୍ରବାର ନିମାପଡ଼ା ଓ ଗୋପ ଅଞ୍ଚଳ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରଥମେ ନିମାପଡ଼ା ହଂସପାଳ ଆଦର୍ଶ ବିଦ୍ୟାଳୟରେ ଆୟୋଜିତ ବନ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ 'ଏକ ପେଡ ମା କେ ନାମ' ଅଭିଯାନରେ ମା'ଙ୍କ ନାମରେ ଏକ ଗଛ ଲଗେଇବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ରଥ କାଠର ଆବଶ୍ୟକତାକୁ ପୂରଣ କରିବା ପାଇଁ ପୁରୀ ଜିଲ୍ଲାର ପ୍ରତ୍ୟେକ ପଞ୍ଚାୟତରେ ଏକ 'ରଥ ବାଟିକା'



ସୃଷ୍ଟି କରିବା ପାଇଁ ଜଙ୍ଗଲ ଅଧିକାରୀମାନଙ୍କୁ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଜଙ୍ଗଲ ଅଧିକାରୀ, ସହକାରୀ ବନ ସଂରକ୍ଷକ ଓ ନିମାପଡ଼ା ଆଦର୍ଶ ବିଦ୍ୟାଳୟର ଅଧକ୍ଷ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ନିଜେ ବୃକ୍ଷରୋପଣ କରି ପିଲାମାନଙ୍କୁ ବୃକ୍ଷରୋପଣ କରିବାକୁ ଉତ୍ସାହିତ କରିଥିଲେ।

ପରେ ଗୋପ ଅଞ୍ଚଳରେ ଆୟୋଜିତ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଯୋଗ ଦେଇ ୧୧୨ ଜଣଙ୍କୁ ପ୍ରଜାଖାନା ସଂଶୋଧିତ ପଟ୍ଟା ଓ ୧୭ଟି ଶିକ୍ଷା ଅନୁଷ୍ଠାନକୁ ଆନୁଷ୍ଠାନିକ ପଟ୍ଟା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲାର ଉପଜିଲ୍ଲାପାଳଙ୍କ ସମେତ ଗୋପ ବିଡ଼ିଓ ଓ ତହସିଲଦାର ଆଦି ଉପସ୍ଥିତ ଥିଲେ।

# ସଡ଼କ ଦୁର୍ଘଟଣା : ଗୋଟିଏ ପରିବାରର ୫ ମୃତ

**ମୈନପୁରୀ, ୧୮**

ଉତ୍ତର ପ୍ରଦେଶର ମୈନପୁରୀ ଜିଲ୍ଲାର ବେବର ଥାନା ଅଞ୍ଚଳରେ ଶୁକ୍ରବାର ଦ୍ୱିପ୍ରହରରେ ଏକ ସଡ଼କ ଦୁର୍ଘଟଣାରେ ଗୋଟିଏ କାରରେ ଥିବା ପରିବାରର ୫ ଜଣଙ୍କ ମୃତ୍ୟୁ ଘଟିଛି। ଜଣେ ଛୋଟ ପିଲା ଆହତ ହୋଇଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବଗୁଡ଼ିକୁ ଚିହ୍ନଟ କରି ପୋଷ୍ଟମୋର୍ଟମ ପାଇଁ ପଠାଇଦେଇଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ସଡ଼କ ଦୁର୍ଘଟଣାରେ ମୃତ୍ୟୁ ପାଇଁ ଗଭୀର ଦୁଃଖ ପ୍ରକାଶ କରିବା ସହିତ ତାଙ୍କ ପରିଜନମାନଙ୍କୁ ସମବେଦନା ଜଣାଇଛନ୍ତି। ପୋଲିସ ଅଧିକ୍ଷକ ଗଣେଶ ପ୍ରସାଦ ଶାହା କହିଛନ୍ତି ଯେ, ମୈନପୁରୀର ହରିପୁର କ୍ୟାଥୋଲିକ ଗ୍ରାମର ବାସିନ୍ଦା ଦୀପକ ଚୌହାନ ଆଗ୍ରାରେ ରହୁଥିବା ତାଙ୍କ ଭାଣିଜୀ କାବ୍ୟ ଚୌହାନଙ୍କ ଜନ୍ମଦିନ ପାଳନ କରି ତାଙ୍କ ପରିବାର ସହିତ ଫେରୁଥିଲେ। ଜିଟି ରୋଡ୍ ହାଇସ୍ୱାରେ ନାଗଲା ତାଲ୍ ଗ୍ରାମ ନିକଟରେ ହଠାତ୍ କାରଟି ନିୟନ୍ତ୍ରଣ ହରାଇ ଡିଭାଇଡ଼ର ପାର ହୋଇ କାନପୁର-ଆଗ୍ରା ଲେନରେ ପହଞ୍ଚିବା ସମୟରେ କାର୍‌ର ସମ୍ମୁଖରୁ ଆସୁଥିବା ଏକ ଟ୍ରକ୍ ସହିତ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ କାର୍‌ରେ ଥିବା ଗୋଟିଏ ପରିବାରର ୫ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା।

# ବିକଶିତ ରାଷ୍ଟ୍ର ପାଇଁ ସାମୁହିକ ପ୍ରୟାସ ଜରୁରୀ : ରାଷ୍ଟ୍ରପତି

**ଧାନବାଦ, ୧୮**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ଦିନ ଧାନବାଦ ସ୍ଥିତ ଭାରତୀୟ ପ୍ରାଦ୍ୟୋଗିକ ସଂସ୍ଥାନ(ଆଇଆଇଟି) (ଆଇଏସ୍‌ଏମ୍)ର ୪୫ତମ ଦୀକ୍ଷାନ୍ତ ସମାରୋହରେ ଭାଗ ନେଇଥିଲେ ଏବଂ ୩୭ ଗୋଲ୍ଡ ମେଡାଲିଷ୍ଟ ଛାତ୍ର-ଛାତ୍ରୀଙ୍କୁ ମେଡାଲ ଏବଂ ଡିଗ୍ରୀ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ସେ ସଂସ୍ଥାନର ୧୦୦ ବର୍ଷ ପୂରା ହେବାର ଉପଲକ୍ଷ୍ୟରେ ଡାକ ଟିକେଟ ମଧ୍ୟ ଜାରି କରିଛନ୍ତି। କାର୍ଯ୍ୟକ୍ରମରେ ଝାଡ଼ଖଣ୍ଡ ରାଜ୍ୟପାଳ ସନ୍ତୋଷ କୁମାର ଗଙ୍ଗୱାର, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହିତ କେତେକ ଗଣମାନ୍ୟ ଲୋକ ଉପସ୍ଥିତ ଥିଲେ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଧାନବାଦ ସ୍ଥିତ ଭାରତୀୟ ପ୍ରାଦୌଗିକ ସଂସ୍ଥାନରେ ଆୟୋଜିତ ଦୀକ୍ଷାନ୍ତ ସମାରୋହକୁ ସମ୍ବୋଧିତ କରି ସର୍ବପ୍ରଥମେ ଏଠାରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଦେଇଥିଲେ,



ଏହାସହ ସେମାନଙ୍କ ଅଭିଭାବକ ଏବଂ ଶିକ୍ଷକଙ୍କ ଯୋଗଦାନର ମଧ୍ୟ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ଆଜିର ଦିନ ଏହି ଛାତ୍ରମାନଙ୍କ ପାଇଁ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଅଟେ। ଆଜି ଠାରୁ ଏମାନେ ଏକ ନୂଆ ଯାତ୍ରାର ଶୁଭାରମ୍ଭ କରୁଛନ୍ତି, ଯାହା ଚାକିରି, ଉଚ୍ଚଶିକ୍ଷା, ଉଦ୍ୟମିତାର ଦିଗରେ ହୋଇପାରେ। ସେ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ ଆଗକୁ ଜୀବନରେ ବ୍ୟକ୍ତିଗତ ଉନ୍ନତି ନୁହେଁ, ପରନ୍ତୁ ସାମୁହିକ ବିକାଶ ପାଇଁ ପ୍ରୟାସ କରିବେ, ତେବେ ବର୍ଷ ୨୦୪୭ ପର୍ଯ୍ୟନ୍ତ ଆମର ବିକଶିତ ରାଷ୍ଟ୍ରର ଲକ୍ଷ୍ୟ ପୂର୍ଣ୍ଣ ହୋଇପାରିବ।

ରାଷ୍ଟ୍ରପତି ଆଇଆଇଟି (ଆଇଏସ୍‌ଏମ୍), ଧାନବାଦର ପ୍ରାୟ ୧୦୦ ବର୍ଷର ଗୌରବଶାଳୀ ଐତିହ୍ୟ ଉପରେ ମଧ୍ୟ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ଏହି ସଂସ୍ଥାନର ସ୍ଥାପନାର ଉଦ୍ଦେଶ୍ୟ ଖନନ ଏବଂ ଭୂ-ବିଜ୍ଞାନ କ୍ଷେତ୍ରରେ ବିଶେଷଜ୍ଞ ପ୍ରସ୍ତୁତ କରିବା ଥିଲା, କିନ୍ତୁ ସମୟ ସହିତ ସଂସ୍ଥାନ ନିଜ ଶୈକ୍ଷଣିକ ପରିସରକୁ ବଢ଼ାଇଛି ଏବଂ ଏବେ ଏହି ସଂସ୍ଥାନ ବିଭିନ୍ନ କ୍ଷେତ୍ରରେ ମଧ୍ୟ ଉଚ୍ଚ ଶିକ୍ଷା ଏବଂ ଅନୁସଂସ୍ଥାନର ଏକ ଅଗ୍ରଣୀ କେନ୍ଦ୍ର ହୋଇସାରିଛି।

# ଓଡ଼ିଶା ରାଜସ୍ୱ ସେବା ଅଧିକାରୀମାନେ ଆନ୍ତରିକତା ଓ ସମର୍ପଣର ସହ ସେବା କରନ୍ତୁ : ରାଜ୍ୟପାଳ

**ଭୁବନେଶ୍ୱର, ୧୮ :ନ୍ୟୁଜ୍‌ବ୍ୟୁରୋ**

ରାଜସ୍ୱ ସେବା ହେଉଛି ଶାସନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସେବା ମଧ୍ୟରୁ ଅନ୍ୟତମ, ଯାହା ଜନସାଧାରଣଙ୍କ ସହ ପ୍ରତ୍ୟକ୍ଷ ଭାବେ ଜଡିତ ହୋଇ ରହିଥାଏ। ଏଣୁ ଓଡ଼ିଶା ରାଜସ୍ୱ ସେବା ଅଧିକାରୀମାନେ ଆନ୍ତରିକତା ଓ ସମର୍ପଣ ସହ ସେବା ଯୋଗାଇବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ଆହ୍ୱାନ ଜଣାଇଛନ୍ତି। ଶୁକ୍ରବାର ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ରେଭେନ୍ୟୁ ଅଫିସର୍ସ ଟ୍ରେନିଂ ଇନଷ୍ଟିଚ୍ୟୁଟ୍‌ରେ ତାଲିମ୍ ନେଉଥିବା ୨୦୨୨ ବ୍ୟାଚ୍‌ର ଓଡ଼ିଶା ରାଜସ୍ୱ ସେବାର ଅଧିକାରୀମାନଙ୍କ ସହ ବାର୍ତ୍ତାଳାପ ଅବସରରେ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ଏହି ଅବସରରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି କହିଛନ୍ତି ଯେ, ପ୍ରଶାସନ କେବଳ ନିୟମ ଏବଂ ଫାଇଲରେ ସୀମିତ ନୁହେଁ। ଏହା ସର୍ବୋପରି ଲୋକଙ୍କ ସହ ଜଡିତ। ଏଣୁ ଯୁବ ଅଫିସରମାନେ ସେମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସର୍ବଦା ସଚେତନ ରହି ଉତ୍ସର୍ଗୀକୃତ ଭାବେ ଜନସାଧାରଣଙ୍କୁ ସେବା ଯୋଗାଇଦେବାକୁ ପରାମର୍ଶ ଦେଇଥିଲେ।

**ମାଧ୍ୟମିକ ଶିକ୍ଷା ବୋର୍ଡର ଘୋଷଣା**

# ୩୧ ଅଗଷ୍ଟରେ ଦୁଇଟି ସିଫ୍ଟରେ ଅନୁଷ୍ଠିତ ହେବ ସ୍ପେଶାଲ୍ ଓଟିଇଟି ପରୀକ୍ଷା

**ଭୁବନେଶ୍ୱର, ୧୮ :ନ୍ୟୁଜ୍‌ବ୍ୟୁରୋ**

ଆଗାମୀ ୩୧ ଅଗଷ୍ଟ ଦିନ ସ୍ପେଶାଲ୍ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ସ୍ପେଶାଲ୍ ଓଟିଇଟି)-୨୦୨୫ ଅନୁଷ୍ଠିତ ହେବ। ଏହି ପରୀକ୍ଷା ଦିନେ ଦୁଇଟି ସିଫ୍ଟରେ ହେବ ବୋଲି ମାଧ୍ୟମିକ ଶିକ୍ଷା ବୋର୍ଡ, ଓଡ଼ିଶା ପକ୍ଷରୁ ଶୁକ୍ରବାର ଦିନ ସୂଚନା ଦିଆଯାଇଛି। ବୋର୍ଡ ଜାରି କରିଥିବା ଅଧିସୂଚନା ଅନୁସାରେ, ପେପର-୧ ସକାଳ ୯ଟାରୁ ୧୧ଟା ୩୦ମିନିଟ୍ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସେହିପରି ପେପର-୨ ମଧ୍ୟାହ୍ନ ୨ଟାରୁ ୪ଟା ୩୦ମିନିଟ୍ ପର୍ଯ୍ୟନ୍ତ ହେବ। ଏହି ପରୀକ୍ଷାକୁ ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ହେବାରୁ ବାତିଲ୍ କରାଯାଇଥିଲା। ଏହାପରେ ସ୍ପେଶାଲ୍ ଓଟିଇଟି ପରୀକ୍ଷା ପୁଣି ନିର୍ଦ୍ଧାରିତ କରାଯାଇଛି। ଚଳିତ ଥର ପରୀକ୍ଷାର ନିରପେକ୍ଷତା ଓ ଗୋପନୀୟତା ରଖିବା ପାଇଁ ବିଶେଷ ସାବଧାନତା ଅବଲମ୍ବନ କରାଯାଇଥିବା ବୋର୍ଡ ପକ୍ଷରୁ କୁହାଯାଇଛି।

# ରେଳ ସୁରକ୍ଷା ବାହିନୀର ପ୍ରଥମ ମହିଳା ମୁଖ୍ୟ ଆଇପିଏସ୍ ସୋନାଲି ମିଶ୍ର ଗ୍ରହଣ କଲେ ଦାୟିତ୍ୱ



**ନୂଆଦିଲ୍ଲୀ, ୧୮**

ରେଳ ସୁରକ୍ଷା ବାହିନୀ (ଆରପିଏଫ୍)ର ୧୪୩ ବର୍ଷର ଇତିହାସରେ ପ୍ରଥମ ଥର ପାଇଁ ଜଣେ ମହିଳା ଅଧିକାରୀ ମହାନିର୍ଦ୍ଦେଶକ ପଦ ଗ୍ରହଣ କରିଛନ୍ତି। ଆଇପିଏସ୍ ଅଧିକାରୀ ସୋନାଲି ମିଶ୍ର ଆରପିଏଫର ମହାନିର୍ଦ୍ଦେଶକ (ଡିଜି) ଭାବରେ ଦାୟିତ୍ୱ ଗ୍ରହଣ କରି ଏକ ଐତିହାସିକ ଅଧ୍ୟାୟ ଆରମ୍ଭ କରିଛନ୍ତି। କ୍ୟାବିନେଟର ନିଯୁକ୍ତି କମିଟି ତାଙ୍କ ନିଯୁକ୍ତିକୁ ଅନୁମୋଦନ କରିଛି ଏବଂ ସେ ଅକ୍ଟୋବର ୩୧, ୨୦୨୬ ପର୍ଯ୍ୟନ୍ତ ଏହି ପଦବୀରେ ରହିବେ। ସେ ମଧ୍ୟପ୍ରଦେଶ କ୍ୟାଡରର ୧୯୯୩ ବ୍ୟାଚ୍ ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀ ଏବଂ ପୋଲିସ ସେବାରେ ୩୦ ବର୍ଷରୁ ଅଧିକ ଅଭିଜ୍ଞତା ରଖିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ସେ ପୋଲିସ ଚୟନ ଏବଂ ନିଯୁକ୍ତିର ଅତିରିକ୍ତ ମହାନିର୍ଦ୍ଦେଶକ, ଭୋପାଳର ପୋଲିସ ତାଲିମ ଏବଂ ଗବେଷଣା ପ୍ରତିଷ୍ଠାନ ଏବଂ ମଧ୍ୟପ୍ରଦେଶ ପୋଲିସ ଏକାଡେମୀର ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିଛନ୍ତି। ସେ ସିବିଆଇ, ବିଏସଏଫ ଏବଂ ମିଳିତ ଜାତିସଂଘ ଶାନ୍ତି ମିଶନ (କୋସୋବୋ)ରେ ମଧ୍ୟ କାର୍ଯ୍ୟ କରିଛନ୍ତି। ତାଙ୍କର ଉଲ୍ଲେଖନୀୟ ସେବା ପାଇଁ ତାଙ୍କୁ ରାଷ୍ଟ୍ରପତି ପୋଲିସ ପଦକ (ବିଶିଷ୍ଟ ସେବା) ଏବଂ ପୋଲିସ ପଦକ (ପ୍ରଶଂସନୀୟ ସେବା) ଭଳି ପ୍ରତିଷ୍ଠିତ ପୁରସ୍କାର ପ୍ରଦାନ କରାଯାଇଛି।

## ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲା : ଯେଉଁମାନେ ସମ୍ପୃକ୍ତ କାହାରିକୁ ଛଡ଼ାଯିବନି - ଗଣଶିକ୍ଷା ମନ୍ତ୍ରୀ

**ଭୁବନେଶ୍ୱର, ୧୮ :ନ୍ୟୁଜ୍‌ବ୍ୟୁରୋ**

ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲାରେ କାର୍ଯ୍ୟାନୁଷ୍ଠାନ ନେଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରରେ ଶୂନ୍ୟ ସହନଶୀଳତା ନୀତି ଆପଣା ଯାଇଛି। ପ୍ରଶ୍ନପତ୍ର ଲିକ୍ ରେ ଯେଉଁମାନେ ବି ସମ୍ପୃକ୍ତ କାହାରିକୁ ଛଡ଼ାଯିବନି। କ୍ରାଇମବ୍ରାଞ୍ଚ ତଦନ୍ତ କରୁଛି ଯିଏ ଦୋଷୀ ସମସ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ।

ସତ୍ୟମେବ ଜୟତେ
ଭାରତ ସରକାର

ଅନ୍ନଦାତାମାନଙ୍କୁ ସମ୍ମାନ
ସମୃଦ୍ଧ ରାଷ୍ଟ୍ର ଗଠନର ଚାବିକାଠି
ଆଜି ପିଏମ୍ କିଷାନ ସମ୍ମାନ ନିଧି ନିମନ୍ତେ
୨୦ତମ କିସ୍ତି ୯ କୋଟି ୭୦ ଲକ୍ଷ କିଷାନଙ୍କ ଖାତାରେ
ପ୍ରଧାନମନ୍ତ୍ରୀ
ଶ୍ରୀ ନରେନ୍ଦ୍ର ମୋଦୀ
ଙ୍କ ଦ୍ୱାରା
ସିଧାସଳଖ ₹୨୦,୫୦୦ କୋଟିରୁ ଅଧିକ ସ୍ଥାନାନ୍ତର



୦୨ ଅଗଷ୍ଟ ୨୦୨୫ | ପୂର୍ବାହ୍ନ ୧୧:୦୦ଟା | ବାରଣାସୀ, ଉତ୍ତରପ୍ରଦେଶ

ପିଏମ୍ କିଷାନ ସମ୍ମାନ ନିଧିରେ ଅଦ୍ୟାବଧି କିଷାନଙ୍କୁ ମିଳିଛି
₹୩.୭୦ ଲକ୍ଷ କୋଟିର ସମ୍ମାନ ରାଶି

ବିଶ୍ୱର ସର୍ବବୃହତ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ଯୋଜନା ମଧ୍ୟରୁ ଗୋଟିଏ

କିଷାନମାନଙ୍କୁ ବାର୍ଷିକ ₹୬୦୦୦ ସହାୟତା

ପିଏମ୍ କିଷାନ ହିତାଧିକାରୀଙ୍କ ମଧ୍ୟରୁ ୮୫%ରୁ ଅଧିକ କ୍ଷୁଦ୍ର ଏବଂ ନାମମାତ୍ର କିଷାନ

୪ଜଣ ପିଏମ୍ କିଷାନ ହିତାଧିକାରୀଙ୍କ ମଧ୍ୟରୁ ଅତି କମ୍‌ରେ ଜଣେ ମହିଳା ହିତାଧିକାରୀ

ପ୍ରଧାନମନ୍ତ୍ରୀ ମୋଦୀ ବିହନ ଠାରୁ ବଜାର ପର୍ଯ୍ୟନ୍ତ କିଷାନଙ୍କ ସହିତ ଅଛନ୍ତି

୧୧ବର୍ଷ ମଧ୍ୟରେ କୃଷି ବଜେଟ୍ ୫ ଗୁଣରୁ ଅଧିକ ବୃଦ୍ଧି, ୨୨,୦୦୦ କୋଟି ଟଙ୍କାରୁ ୧.୨୭ ଲକ୍ଷ କୋଟି ଟଙ୍କା ହୋଇଛି

ଗତ ୧୧ବର୍ଷ ମଧ୍ୟରେ ଖାଦ୍ୟ ଶସ୍ୟ ଉତ୍ପାଦନ ୨୪୬ ନିୟୁତ ଟନରୁ ୩୫୪ ନିୟୁତ ଟନ୍‌କୁ ବୃଦ୍ଧି ପାଇଛି ଏବଂ ଉଦ୍ୟାନ ଫସଲର ଉତ୍ପାଦନ ୨୮୦ ନିୟୁତ ଟନ୍‌ରୁ ୩୬୨ ନିୟୁତ ଟନ୍‌କୁ ବୃଦ୍ଧି ପାଇଛି

ସॉइल हेल्थ कार्ड
ମାଟିର ଉର୍ବରତା ବୃଦ୍ଧି ଏବଂ ସାରର ଉପଯୁକ୍ତ ବ୍ୟବହାର ପାଇଁ ଚାଷୀମାନଙ୍କୁ ୨୫ କୋଟିରୁ ଅଧିକ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଛି

ପିଏମ୍ ଫସଲ ବୀମା ଯୋଜନାର ଅଧୀନରେ, ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ହୋଇଥିବା କ୍ଷତିର କ୍ଷତିପୂରଣ ପାଇଁ ଚାଷୀମାନଙ୍କୁ ୧.୮୩ ଲକ୍ଷ କୋଟି ଟଙ୍କା ପ୍ରଦାନ କରାଯାଇଥିଲା

ଗତ ୧୧ ବର୍ଷ ମଧ୍ୟରେ ୨୩ ଲକ୍ଷ କୋଟିରୁ ଅଧିକ ମୂଲ୍ୟର ଗହମ, ଧାନ, କପା, ବାଲି ଏବଂ ତୈଳବୀଜ ଫସଲ ସର୍ବନିମ୍ନ ସହାୟକ ମୂଲ୍ୟରେ କ୍ରୟ କରାଯାଇଛି

ଗତ ୧୧ବର୍ଷରେ ୧୪ ଲକ୍ଷ କୋଟିର ସାର ସବ୍‌ସିଡି ଚାଷୀମାନଙ୍କୁ ସଠିକ୍ ସମୟରେ ଏବଂ ସୁଲଭ ମୂଲ୍ୟରେ ସାର ଯୋଗାଣ ସୁନିଶ୍ଚିତ କରୁଛି

୧୫୨୨ଟି କୃଷି ମଣ୍ଡି ଇ-ନାମ ପ୍ଲାଟଫର୍ମ ସହିତ ସଂଯୋଗ : ୪.୨୦ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର କାରବାର ସହଜ ହୋଇଛି

ପ୍ରତି ବୁନ୍ଦା ଅଧିକ ଫସଲ ସୂକ୍ଷ୍ମ ଜଳସେଚନ କଭରେଜ ୪୨ ଲକ୍ଷ ହେକ୍ଟରରୁ ୧୦୦ ଲକ୍ଷ ହେକ୍ଟରଙ୍କୁ ବୃଦ୍ଧି କରାଯାଇଛି

କାର୍ଯ୍ୟକ୍ରମର ସିଧା ପ୍ରସାରଣ ଡିଡି ନ୍ୟୁଜ୍ କିମ୍ବା ଡିଡି କିଷାନ ଚ୍ୟାନେଲରେ ଦେଖନ୍ତୁ
न्यूज़ | किसान
ଅନୁସରଣ କର @AgriGoI
ଅଧିକ ସୂଚନା ପାଇଁ କ୍ୟୁଆର କୋଡ୍ ସ୍କାନ କରନ୍ତୁ

CBC 01102/13/0002/2526